आଜି - ସୋମବାର
ତାରିଖ - ୧୩ ଅପ୍ରେଲ ୨୦୨୬
ମାସ - ମୀନ, ଦିନ - ୩୦
ତିଥି - ଏକାଦଶୀ, ପକ୍ଷ-କୃଷ୍ଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

ପ୍ରଭାତୀ ସଂସ୍କରଣ
AJIKALI
Morning Edition

" ଆମର ସୁପ୍ତ ଆତ୍ମାକୁ ଯେତେବେଳେ ଜାଗ୍ରତ କରାଇ ଦିଆଯିବ, ସେତେବେଳେ ସବୁକିଛି ଉତ୍କର୍ଷ ହୋଇପାରିବ ।"
- ସ୍ୱାମୀ ବିବେକାନନ୍ଦ

E-mail: ajikalibls@gmail.com
E-News : www.Ajikali epaper.com

Vol.- 40 ISSUE- 359 R.N.I. REGD. No. 44026/86 ବାଲେଶ୍ୱର ୧୩ ଅପ୍ରେଲ ୨୦୨୬ ସୋମବାର BALASORE 13 APRIL 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ୯୨ ବର୍ଷ ବୟସରେ ଆଖି ବୁଜିଲେ ଆଶା ଭୋସଲେ

ନୂଆଦିଲ୍ଲୀ : କିମ୍ବଦନ୍ତୀ ପ୍ରଚ୍ଛଦପଟ ଗାୟିକା ଆଶା ଭୋସଲେ ଆଉ ନାହାନ୍ତି । ସବୁ ଦିନ ପାଇଁ ନୀରବି ଯାଇଛି ଭଏସ୍ ଅଫ୍ ବଲିଉଡ୍ । ମୁମ୍ବାଇର ବ୍ରିଚକାଣ୍ଡି ହସ୍ପିଟାଲରେ ଏମର୍ଜେନ୍ସି ବିଭାଗରେ ଆଶାଙ୍କର ଚିକିତ୍ସା ଚାଲିଥିଲା । ଛାତିରେ ସଂକ୍ରମଣ କାରଣରୁ ତାଙ୍କୁ ସେଠାରେ ଭର୍ତ୍ତି କରାଯାଇଥିବା ନାତୁଣୀ ଜାନାଇ ଭୋସଲେ ସୂଚନା ଦେଇଥିଲେ । ଆଜି ୯୨ ବର୍ଷ ବୟସରେ ଦୁନିଆକୁ ଅଲବିଦା କହିଛନ୍ତି ମେଲୋଡି କ୍ୱିନ୍ ଆଶା ଭୋସଲେ । ଏ ନେଇ ଆଶାଙ୍କ ପୁଅ ଆନନ୍ଦ ଭୋସଲେ ସୂଚନା ଦେଇଛନ୍ତି । ଆଶାଙ୍କ ବିୟୋଗରେ ଗୋଟିଏ ଯୁଗର ଅନ୍ତ ହୋଇଛି । ୮୨ ବର୍ଷରେ ୧୨ ହଜାର ଗୀତ- ଆଶା ଭୋସଲେଙ୍କ ଗୀତ କଥା କହିବାକୁ ଗଲେ, ଗାୟିକା ତାଙ୍କ ଭଉଣୀ ଲତା ମଙ୍ଗେସକରଙ୍କୁ ଅନୁସରଣ କରିଥିଲେ । ପ୍ରଚୁର ଖ୍ୟାତି ଅର୍ଜନ କରିଥିଲେ । ୧୦ ବର୍ଷ ବୟସରେ, ସେ ତାଙ୍କର ପ୍ରଥମ ଗୀତ ରେକର୍ଡ କରିଥିଲେ, ଯାହା ମରାଠୀ ଭାଷାରେ ଥିଲା । ସେବେଠାରୁ, ସେ କେବେ ପଛକୁ ଫେରି ଚାହିଁ ନଥିଲେ, ୮୨ ବର୍ଷର କ୍ୟାରିଅରରେ ପ୍ରାୟ ୧୨,୦୦୦ ଗୀତ ଗାଇଥିଲେ । କଳା ପ୍ରତି ତାଙ୍କର ଅବିସ୍ମରଣୀୟ ଅବଦାନ ପାଇଁ ତାଙ୍କୁ ପଦ୍ମ ବିଭୂଷଣରେ ମଧ୍ୟ ସମ୍ମାନିତ କରାଯାଇଥିଲା । ଆଶା ଭୋସଲେଙ୍କ ସବୁଠାରୁ ପ୍ରସିଦ୍ଧ ଗୀତଗୁଡ଼ିକ ମଧ୍ୟରେ "ମେରା କୁଚ୍ ସାମନ୍", "ପ୍ୟାର୍ ମେନ୍ ରେହେନ୍ ଡୋ", "ଦମ୍ ମାରୋ ଦମ୍", "ପିୟା ବାଓ୍ୱି" ଆଜି ବି ଶ୍ରୋତାଙ୍କ ହୃଦୟରେ ଘର କରିଛି । ୧୯୩୩ ସେପ୍ଟେମ୍ବର ୮ରେ ମହାରାଷ୍ଟ୍ରର ସାଙ୍ଗଲିରେ ଜନ୍ମିତ ଆଶା ଭୋସଲେ ଭାରତୀୟ ସିନେମା ଜଗତର ଖ୍ୟାତନାମା ଗାୟିକାଙ୍କ ମଧ୍ୟରୁ ଅନ୍ୟତମ । ସେ ପ୍ରସିଦ୍ଧ ଥିଏଟର କଳାକାରଶାସ୍ତ୍ରୀୟ ସଙ୍ଗୀତ ଗାୟକ ଦୀନାନାଥ ମଙ୍ଗେସକରଙ୍କ ଝିଅ ଏବଂ ସ୍ୱର ସାମ୍ରାଜ୍ଞୀ ଲତା ମଙ୍ଗେସକରଙ୍କ ସାନ ଭଉଣୀ । ଦୀର୍ଘ ୭ ଦଶନ୍ଧିର କ୍ୟାରିୟର ମଧ୍ୟରେ ୧୪ରୁ ଅଧିକ ଭାରତୀୟ ଭାଷାରେ ସେ ୧୨ ହଜାରରୁ ଅଧିକ ଗୀତ ଗାଇଛନ୍ତି । ସଙ୍ଗୀତ କ୍ଷେତ୍ରକୁ ଅବଦାନ ଲାଗି ଏହି କିମ୍ବଦନ୍ତୀ ଗାୟିକାଙ୍କୁ ଅନେକ ପୁରସ୍କାର ଏବଂ ସମ୍ମାନ ମିଳିଛି । ୧୯୯୭ ମସିହାରେ ଗ୍ରାମୀ ପୁରସ୍କାର ଲାଗି ନୋମିନେଟ୍ ହେବାରେ ସେ ପ୍ରଥମ ଭାରତୀୟ ଗାୟିକା । ୨୦୦୦ ମସିହାରେ ତାଙ୍କୁ ଦାଦା ସାହେବ ଫାଲ୍କେ ପୁରସ୍କାର ଏବଂ ୨୦୦୮ରେ ପଦ୍ମ ବିଭୂଷଣ ସମ୍ମାନ ମିଳିଥିଲା । ଏହାଛଡ଼ା 'ଉମରାଓ ଜାନ୍' ଏବଂ 'ଇଜାଜତ୍' ଫିଲ୍ମ ଲାଗି ସେ ଦୁଇଥର ଜାତୀୟ ଫିଲ୍ମ ପୁରସ୍କାର ପାଇଛନ୍ତି ।ଦୁଇଥର ବିବାହ କରିଥିଲ- ଆଶା ଭୋସଲେଙ୍କ ବ୍ୟକ୍ତିଗତ କଥା କହିବାକୁ ଗଲେ, ତାଙ୍କର ବୃତିଗତ ଜୀବନ ବହୁତ ସଫଳ ଥିଲା, କିନ୍ତୁ ତାଙ୍କ ବ୍ୟକ୍ତିଗତ ଜୀବନ ଉତାନ-ପତନରେ ପରିପୂର୍ଣ୍ଣ ଥିଲା । ସେ ପ୍ରଥମେ ୧୯୪୯ ମସିହାରେ ଗଣପତରାଓଙ୍କୁ ବିବାହ କରିଥିଲେ । କିନ୍ତୁ ପରେ ଏମାନେ ଅଲଗା ହୋଇଗଲେ । ତା'ପରେ ଗାୟିକା ପ୍ରସିଦ୍ଧ ସଂଗୀତ ନିର୍ଦ୍ଦେଶକ ଆର.ଡି. ବର୍ମନଙ୍କୁ ବିବାହ କରିଥିଲେ । ତାଙ୍କ ପରଲୋକ ସଂଗୀତ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ।



### ପ୍ରଧାନମନ୍ତ୍ରୀଙ୍କ ଶୋକ ପ୍ରକାଶ

ନୂଆଦିଲ୍ଲୀ : ଆଶା ଭୋସଲେଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକାଶ କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଭାରତର ସବୁଠୁ ପ୍ରତିଷ୍ଠିତ ଓ ବହୁମୁଖୀ ସ୍ୱରମାନଙ୍କ ମଧ୍ୟରୁ ଜଣେ ଆଶା ଭୋସଲେ ଜୀଙ୍କ ଦେହାନ୍ତରେ ମୁଁ ଗଭୀର ଦୁଃଖିତ । ଦଶକ ଧରି ବ୍ୟାପ୍ତ ତାଙ୍କର ଅସାଧାରଣ ସଙ୍ଗୀତମୟ ଯାତ୍ରା ଆମ ସାଂସ୍କୃତିକ ଧରୋହରକୁ ସମୃଦ୍ଧ କରିଛି ଏବଂ ସାରା ପୃଥିବୀର ଅସଂଖ୍ୟ ହୃଦୟକୁ ସ୍ପର୍ଶ କରିଛି ।

### ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଆଶା ଭୋସଲେଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ କଣ୍ଠଶିଳ୍ପୀ ଆଶା ଭୋସଲେ ଜୀଙ୍କ ଦେହାନ୍ତରେ ମୁଁ ଗଭୀର ଦୁଃଖିତ । ତାଙ୍କର ଅମର ସ୍ୱର କେବଳ ସଙ୍ଗୀତ ନୁହେଁ, ଏହା ଏକ ଭାବନା ଥିଲା ଯାହା ପିଢ଼ୀ ପରମ୍ପରାକୁ ପରିଭାଷିତ କରିଛି । ତାଙ୍କ ବିଦାୟରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ଅପୂରଣୀୟ ଅଟେ ।

## ଆଜି ନାରୀ ଶକ୍ତି ବନ୍ଦନ ସମ୍ମେଳନରେ ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ ଜାତୀୟ ସ୍ତରର ''ନାରୀ ଶକ୍ତି ବନ୍ଦନ ସମ୍ମେଳନ'' ଆୟୋଜନ କରାଯିବ । ଏଥିରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ । ସେ ମଧ୍ୟ ଏକ ଜନସଭାକୁ ସମ୍ବୋଧିତ କରିବେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ସଫଳ ମହିଳାମାନେ ଅଂଶଗ୍ରହଣ କରିବେ । ସରକାରୀ, ଶିକ୍ଷା, ବିଜ୍ଞାନ, କ୍ରୀଡା, ଉଦ୍ୟୋଗୀତା, ଗଣମାଧ୍ୟମ, ସାମାଜିକ କାର୍ଯ୍ୟ ଏବଂ ସଂସ୍କୃତି ଭଳି ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନେ ସମ୍ମେଳ ଆସନ୍ତାକାଲି ଏକତ୍ରିତ ହେବେ । ସେପ୍ଟେମ୍ବର ୨୦୨୩ରେ, ସଂସଦ 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ଅନୁମୋଦନ କରିଥିଲା ଯାହା ବିଧାନପାଳିକାଗୁଡ଼ିକରେ ମହିଳା ପ୍ରତିନିଧିତ୍ୱ ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ଆଇନରେ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରାଯାଇଥିଲା । ବର୍ତ୍ତମାନ, ସାରା ଦେଶରେ ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରିବା ଉପରେ ଧ୍ୟାନ ଦେଇ ୧୬ ଏପ୍ରିଲରେ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଆୟୋଜନ କରାଯିବ । ଭାରତର ବିକାଶ ମାର୍ଗ ଗଠନରେ ମହିଳାମାନଙ୍କ ଅଧିକ ଅଂଶଗ୍ରହଣ ଲାଗି ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ପାଇଁ ଏହି ସମ୍ମେଳନ ଆୟୋଜନ କରାଯାଉଛି । ଏହା ପଂଚାୟତ ଠାରୁ ସଂସଦ ପର୍ଯ୍ୟନ୍ତ ସମସ୍ତ ସ୍ତରରେ ଶାସନ ଏବଂ ନେତୃତ୍ୱ କ୍ଷେତ୍ରରେ ମହିଳାମାନଙ୍କର ବର୍ଦ୍ଧିତ ଭୂମିକାକୁ ମଧ୍ୟ ଉଜ୍ଜ୍ୱଳ କରିବ । ଏହି କାର୍ଯ୍ୟକ୍ରମ ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ମହିଳାମାନଙ୍କର ପ୍ରତିନିଧିତ୍ୱ ବୃଦ୍ଧିକୁ ଗୁରୁତ୍ୱ ଦେବ ।



## କେନ୍ଦୁଝର ଜିଲ୍ଲା ପିଏମ୍‌ଶ୍ରୀ କୁଶଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲିରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର: ବିଦ୍ୟାଳୟ କେବଳ ପାଠପଢାର ସ୍ଥାନ ନୁହେଁ, ଏହା ଜୀବନ ଗଢ଼ିବାର ଏକ ପବିତ୍ର କ୍ଷେତ୍ର । ଏଠାରେ ଜ୍ଞାନ ସହିତ ଜୀବନର ମୂଲ୍ୟବୋଧ ଓ ଶୃଙ୍ଖଳା ଶିକ୍ଷା ଦାନ କରାଯାଏ । ପିଲାଙ୍କ ଚରିତ୍ର ଗଠନର ପ୍ରଥମ ସୋପାନ ବିଦ୍ୟାଳୟରୁ ହିଁ ଆରମ୍ଭ ହୋଇଥାଏ ବୋଲି ରବିବାର (୧୨ ଅପ୍ରିଲ୍) କେନ୍ଦୁଝରଜିଲ୍ଲା ପିଏମ୍‌ଶ୍ରୀ କୁଶଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି କାର୍ଯକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ପ୍ରେରିତ ଏହି ବିଦ୍ୟାଳୟର ଶିକ୍ଷା ପ୍ରଣାଳୀକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏଠାରେ କେବଳ ପାଠ୍ୟଜ୍ଞାନ ନୁହେଁ, ବରଂ ନୈତିକତା, ଶୃଙ୍ଖଳା ଓ ମୂଲ୍ୟବୋଧର ଶିକ୍ଷା ମଧ୍ୟ ଦିଆଯାଉଛି । ଏହି ବିଦ୍ୟାଳୟରୁ ଶିକ୍ଷାଗ୍ରହଣ କରିଥିବା ଅନେକ ଛାତ୍ରଛାତ୍ରୀ ରାଜ୍ୟ ଓ ଦେଶ ସ୍ତରରେ ନିଜ ପ୍ରତିଭା ପ୍ରମାଣ କରି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ବୋଲି ସେ କହିଥିଲେ । ସେ କହିଛନ୍ତି, ୨୦୨୬-୨୭ ବର୍ଷର ବଜେଟ୍‌ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟି ଟଙ୍କାରୁ ଅଧିକ ପ୍ରାବଧାନ କରାଯାଇଛି । ଗତ ଦେଢ଼ ବର୍ଷରେ ପ୍ରାୟ ୨୦ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବା ସହ ଆଗାମୀଦିନରେ ଆହୁରି ୪୫ ହଜାର ଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯାଇଛି । ପ୍ରତ୍ୟେକ ପଂଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନା ପାଇଁ ମଧ୍ୟ ଉଦ୍ୟମ ଆରମ୍ଭ କରାଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଅଂଚଳର ଭିତିଭୂମି ଉନ୍ନୟନ ସମ୍ପର୍କରେ ଘୋଷଣା କରି କହିଥିଲେ ଯେ ୬ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟରେ ସରେଇ-ହାତିଶିଳା ରାସ୍ତା ନିର୍ମାଣ କାମ ଚାଲିଛି ଏବଂ ବାବା କୁଶଳେଶ୍ୱର ମନ୍ଦିର ଅଂଚଳର ବିକାଶ ପାଇଁ ୩ କୋଟି ୭ ଲକ୍ଷ ଟଙ୍କା ବିନିଯୋଗ କରାଯିବ । ଏହି କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର, ତେଲକୋଇ ବିଧାୟକ ଡା ଫକିର ମୋହନ ନାୟକ, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଆୟୋଜକ କମିଟି ସଭାପତି ହାଡିବନ୍ଧୁ ପଟ୍ଟନାୟକ, ସମ୍ପାଦକ ରାମଚନ୍ଦ୍ର ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକମାନେ, ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ ।


15001/14/2627



## ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସର ଗୌରବପୂର୍ଣ୍ଣ ଅବସରରେ ମୁଁ ଭୁବନେଶ୍ୱରବାସୀ ତଥା ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ପୁରାତନ ମୂଲ୍ୟବୋଧ ସହିତ ଏକ ଆଧୁନିକ ନଗରୀର ଲକ୍ଷ୍ୟ ରଖିଥିବା ଭୁବନେଶ୍ୱର ନଗରୀ ବର୍ତ୍ତମାନ ପରମ୍ପରା ଓ ଆଧୁନିକତାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ମିଶ୍ରଣର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛି ।

ରାଜଧାନୀ ନଗରୀକୁ ନେଇ ଗର୍ବ ଅନୁଭବ କରିବା ସହିତ ଏହାକୁ ଅଧିକ ସ୍ୱଚ୍ଛ, ସବୁଜ ଓ ପ୍ରାଣବନ୍ତ କରିବା ଯାହା ବିକଶିତ ଓଡ଼ିଶାର ସ୍ୱରୂପକୁ ପ୍ରତିଫଳିତ କରୁଥିବ ଓ ସେ ଦିଗରେ ସମସ୍ତେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ମୁଁ ରାଜଧାନୀବାସୀଙ୍କୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



## ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ।

ପ୍ରାଚୀନ ଏକାମ୍ର କ୍ଷେତ୍ରର ଶୈବ ସଂସ୍କୃତି ସହିତ ଆଧୁନିକତାର ସମନ୍ୱୟ ହେଉଛି ଆମ ରାଜଧାନୀ ଭୁବନେଶ୍ୱର । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପର୍ଯ୍ୟଟନ, ପ୍ରଯୁକ୍ତିବିଦ୍ୟା ଓ ପ୍ରଯୁକ୍ତିଭିତ୍ତିକ ଶିଳ୍ପ କ୍ଷେତ୍ରରେ ଆଜି ଭୁବନେଶ୍ୱର ଦେଶରେ ଏକ ପ୍ରମୁଖ ସହରର ମାନ୍ୟତା ପାଇଛି । ବର୍ତ୍ତମାନ ଅନେକ ଭବିଷ୍ୟମୁଖୀ ଯୋଜନା ସହିତ ଆମ ରାଜଧାନୀ ଏକ କାୟାକଳ୍ପ ପରିବର୍ତ୍ତନ ଦିଗରେ ଅଗ୍ରସର ହେଉଛି ।

ଭୁବନେଶ୍ୱର ଆମ ରାଜ୍ୟର ପରିଚୟ ଓ ଆମ ଗୌରବ । ଏବେ ସମୟ ଆସିଛି ଆମ ସହର ପାଇଁ ଆମକୁ କିଛି କରିବା ପାଇଁ । ଆସନ୍ତୁ, ଆମର ଐତିହ୍ୟ ନଗରୀର ସୁରକ୍ଷା ସହିତ ଭୁବନେଶ୍ୱରକୁ ଆହୁରି ସ୍ୱଚ୍ଛ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ସହର ଭାବେ ଗଢ଼ିତୋଳିବା ଦିଗରେ ସମସ୍ତେ ଉଦ୍ୟମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



## ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମାନ୍ୟବର ବାଚସ୍ପତିଙ୍କ ବାର୍ତ୍ତା

ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ଓଡ଼ିଶାର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର ମନ୍ଦିରମାଳିନୀ ସହର ଭୁବନେଶ୍ୱର ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ । ଆମ ରାଜଧାନୀ ଭୁବନେଶ୍ୱରକୁ ଦେଶର ଏକ ସ୍ୱଚ୍ଛ, ଆକର୍ଷଣୀୟ ଓ ପ୍ରଗତିଶୀଳ ସହରରେ ପରିଣତ କରିବା ପାଇଁ ସମସ୍ତ ରାଜ୍ୟବାସୀ ସଂକଳ୍ପବଦ୍ଧ ହୋଇ ସମ୍ମିଳିତ ପ୍ରୟାସ ଜାରି ରଖିବେ ବୋଲି ମୋର ବିଶ୍ୱାସ ।

(ସୁରମା ପାଢ଼ୀ)
ବାଚସ୍ପତି

OIPR-15001/15001/2/26-27/0014





# ଭାଜପା ନାରୀ ଶକ୍ତି ସଂଗଠନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ବାଲେଶ୍ୱର(ନି.ପ୍ର.) ସ୍ଥାନୀୟ ରୟାଲ କୁଇନ୍ ମଣ୍ଡପରେ ଆଜି ଅପରାହ୍ନ ସମୟରେ "ନାରୀଶକ୍ତି ବନ୍ଦନ ଅଧିନିୟମ – ସଶକ୍ତ ନାରୀ, ସଶକ୍ତ ଭାରତ" ବିଷୟକୁ କେନ୍ଦ୍ର କରି ଏକ ବ୍ୟାପକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀର ଉଦ୍ଦେଶ୍ୟ ଥିଲା ନାରୀମାନଙ୍କ ସଶକ୍ତିକରଣ, ସମାନ ଅଧିକାର ଓ ସାମାଜିକ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା ।ଏହି ସମ୍ମିଳନୀରେ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାରୀଶକ୍ତି ବନ୍ଦନ ଅଧିନିୟମର ଗୁରୁତ୍ୱ, ଲକ୍ଷ୍ୟ ଓ ପ୍ରୟୋଜନୀୟତା ବିଷୟରେ ମୂଲ୍ୟବାନ ମତ ପ୍ରକାଶ କରିଥିଲେ । ସେ କହିଥିଲେ ଯେ, ଏହି ଅଧିନିୟମ ଦେଶର ନାରୀମାନଙ୍କୁ ରାଜନୈତିକ ମଂଚରେ ଅଧିକ ଅଂଶଗ୍ରହଣର ସୁଯୋଗ ଦେବା ସହିତ ସେମାନଙ୍କର ନିଷ୍ପତି ନେବା କ୍ଷମତାକୁ ବୃଦ୍ଧି କରିବ । ଏହା ଦେଶର ଗଣତନ୍ତ୍ରକୁ ଆହୁରି ସୁଦୃଢ଼ କରିବାରେ ମୂଲ୍ୟବାନ ଭୂମିକା ନେବ ବୋଲି ସେ ମତ ପ୍ରକାଶ କରିଥିଲେ ।ସେ ଆହୁରି କହିଥିଲେ ଯେ, ନାରୀମାନଙ୍କୁ ଆର୍ଥିକ, ସାମାଜିକ ଓ ଶିକ୍ଷାମୂଳକ ମଂଚରେ ସଶକ୍ତ କରିବା ବିନା ଦେଶର ସମଗ୍ର ଉନ୍ନତି ସମ୍ଭବ ନୁହେଁ । ଏହି ଅଧିନିୟମ ମାଧ୍ୟମରେ ନାରୀମାନେ ସମାଜରେ ନିଜ ସ୍ଥାନକୁ ଆହୁରି ମଜବୁତ କରିପାରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ ।ଏହି ସମ୍ମିଳନୀରେ ନାରୀ ନେତ୍ରୀ ସିପ୍ରା ରେଖା ମହାପାତ୍ର ମଂଚାସୀନ ଥାଇ ନାରୀଙ୍କ ଅଧିକାର ସୁରକ୍ଷା, ସମାନ ସୁଯୋଗ ଓ ସମାଜରେ ସେମାନଙ୍କ ମୂଲ୍ୟବାନ ଭୂମିକା ବିଷୟରେ ଜୋର ଦେଇଥିଲେ । ସେ କହିଥିଲେ ଯେ, ନାରୀଙ୍କ ସଶକ୍ତିକରଣ କେବଳ ଏକ ନୀତି ନୁହେଁ, ଏହା ଦେଶର ଉନ୍ନତି ପାଇଁ ଏକ ଆବଶ୍ୟକତା ।ସମ୍ମିଳନୀରେ ଉପସ୍ଥିତ ଅନ୍ୟାନ୍ୟ ବକ୍ତାମାନେ ମଧ୍ୟ ନାରୀଶକ୍ତି ବନ୍ଦନ ଅଧିନିୟମର ବିଭିନ୍ନ ପାର୍ଶ୍ୱ ଉପରେ ଆଲୋଚନା କରିଥିଲେ । ସେମାନେ କହିଥିଲେ ଯେ, ଏହି ଅଧିନିୟମ ମାଧ୍ୟମରେ ନାରୀମାନେ ରାଜନୈତିକ ଓ ପ୍ରଶାସନିକ କ୍ଷେତ୍ରରେ ଅଧିକ ସଂଖ୍ୟାରେ ଯୋଗଦେବେ, ଯାହା ଦେଶର ନୀତି ନିର୍ମାଣ ପ୍ରକ୍ରିୟାକୁ ଆହୁରି ସମାବେଶୀ ଏବଂ ସମତାମୂଳକ କରିବ ।ସମ୍ମିଳନୀରେ ଉଲ୍ଲେଖ ହୋଇଥିଲା ଯେ, ନାରୀମାନଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଓ ଆର୍ଥିକ ସ୍ୱାଧୀନତା ଅତ୍ୟନ୍ତ ଜରୁରୀ । ଏହି ଦିଗରେ ସରକାର ଓ ସମାଜ ଦୁହେଁଙ୍କୁ ଏକାସାଥିରେ କାମ କରିବାକୁ ପଡିବ ବୋଲି ମତ ପ୍ରକାଶ ପାଇଥିଲା ।ଏହା ସହିତ, ନାରୀଙ୍କ ବିରୋଧରେ ଘଟୁଥିବା ଅନ୍ୟାୟ ଓ ଅପରାଧ ରୋକିବା ପାଇଁ କଠୋର ଆଇନ ଓ ସଚେତନତା ଅଭିଯାନ ଆବଶ୍ୟକ ବୋଲି ବକ୍ତାମାନେ ମତ ଦେଇଥିଲେ । ନାରୀଙ୍କ ସମ୍ମାନ ଓ ସୁରକ୍ଷା ନିଶ୍ଚିତ କରିବା ଦେଶର ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ବୋଲି ଉଲ୍ଲେଖ କରାଯାଇଥିଲା ।ସମ୍ମିଳନୀର ଶେଷରେ ମାଧ୍ୟମ ପ୍ରତିନିଧିମାନେ ଉଠାଇଥିବା ବିଭିନ୍ନ ପ୍ରଶ୍ନର ଉତର ଦିଆଯାଇଥିଲା ଏବଂ ନାରୀଶକ୍ତି ବନ୍ଦନ ଅଧିନିୟମ ସମ୍ପର୍କରେ ସମସ୍ତ ଜିଜ୍ଞାସା ଦୂର କରାଯାଇଥିଲା ।ଏହି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସମାଜରେ ନାରୀ ସଶକ୍ତିକରଣ ନେଇ ଏକ ସକାରାତ୍ମକ ସନ୍ଦେଶ ପ୍ରସାର ହୋଇଥିବା ଜଣାପଡ଼ିଛି । "ସଶକ୍ତ ନାରୀ ହେଉଛନ୍ତି ସଶକ୍ତ ଭାରତର ଆଧାର" ବୋଲି ସମସ୍ତେ ଏକମତ ହୋଇଥିଲେ ।

# ୨ୟ ବୈଶାଖୀ ସନ୍ଧ୍ୟାରେ ଈଶାଣୀ ମୁଖରିତ



ବାଲେଶ୍ୱର,(ନି.ପ୍ର.): ଈଶାଣୀ ବୈଶାଖୀ ମହୋତ୍ସବ ୨ୟ ସନ୍ଧ୍ୟାରେ ଅନୁଷ୍ଠାନର ଦିବଂଗତ ଉପଦେଷ୍ଟା କର୍ମୀ ସ୍ୱର୍ଗୀୟ ଗୌରୀ କୁମାର ରାଉତ ଏବଂ ସ୍ୱର୍ଗୀୟ ସତ୍ୟନାଥ ମାଝୀଙ୍କୁ ଉତ୍ସର୍ଗୀକୃତ କରାଯାଇଥିବା ମ□ରେ ବାଲେଶ୍ୱର ଜିଲ୍ଲାର ଉପଜିଲ୍ଲାପାଳ ଶିବ ମାଲବ୍ୟ ମୁଖ୍ୟଅତିଥି ଭାବରେ ଉପସ୍ଥିତ ରହି ଉଦ୍‌ଘାଟିତ କରିଥିଲେ । ଭାରତର ପ୍ରତି ପୁରପଲ୍ଲୀ ଗାଁମାନଙ୍କର ଇତିହାସକୁ ସୁରକ୍ଷିତ କରି ଏହି ଐତିହ୍ୟମୟ ଦେଶକୁ ଅଧିକରୁ ଅଧିକ ଉଜ୍ଜ୍ୱଳ କରାଇବା ପାଇଁ ପ୍ରତିଟି ଜନଗଣଙ୍କୁ ସେ ଆହ୍ୱାନ କରିଥିଲେ । ଆଜିର ଛୋଟଛୋଟ ପିଲା କାଲିର ଭବିଷ୍ୟତ । ପିଲାମାନଙ୍କ ଯତ୍ନ ନେବା ସଙ୍ଗେସଙ୍ଗେ ତାଙ୍କର ବାପା ମା'ମାନଙ୍କର ପ୍ରମୁଖ କ□ବ୍ୟକୁ ଚେତାଇଦେବାବେଳେ ଅତିଥି-ବକ୍ତା ଭାବେ ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ ନାୟକ ଏବଂ ପ୍ରମୁଖ ବକ୍ତା ଭାବେ ବିଶିଷ୍ଟ ସାରସ୍ୱତ ଗବେଷକ ଡ. ରାଧାରଞ୍ଜନ ପଟ୍ଟନାୟକ ଈଶାଣୀ ବୈଶାଖୀ ମହୋତ୍ସବର ସ୍ତୁତି ଗାନ କରିବା ସାଙ୍ଗକୁ ସମସ୍ତେ ଏକ ହୋଇ ଅ□ଳର ପ୍ରଗତି ଦିଗରେ ଲକ୍ଷ୍ୟ ରଖିବାପାଇଁ ଉତ୍ସାହିତ କରିଥିଲେ ।

ଏହି ସନ୍ଧ୍ୟାରେ ବୈଶାଖୀ ମହୋତ୍ସବର କାର୍ଯ୍ୟକାରୀ ସଦସ୍ୟ ଶ୍ରୀଯୁକ୍ତ ରମେଶ ବେହେରା ଅତିଥିମାନଙ୍କୁ ସ୍ୱାଗତ କରିଥିବା ସଂଗେସଂଗେ କମିଟିର ଉପସଭାପତି ସୁରେଶ ମାଝୀଙ୍କ ଦ୍ୱାରା ସଭା ପରିଚାଳନା କରାଯାଇଥିଲା । ଛୋଟଛୋଟ ପିଲାମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ସଂଗୀତ ଓ ଚିତ୍ରାଙ୍କନ ଇତ୍ୟାଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉପଲକ୍ଷେ ଅନୁଷ୍ଠାନର ସଭାପତି ଆଇନଜୀବୀ ଅଶୋକ କୁମାର ସେନାପତି, ସାଧାରଣ ସଂପାଦକ ଭାଗବତ ସାହୁ, କାର୍ଯ୍ୟକାରୀ ସଭାପତି ଶ୍ରୀଦେବ, ଉପସଭାପତି ନରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ସନ୍ଧ୍ୟା ପରିବେଶଟିକୁ ଶୃଙ୍ଖଳିତ କରିବାରେ ସହଯୋଗ କରିଥିଲେ । ଏହାପରେ ସମଗ୍ର ବୈଶାଖୀ ମିନି ଷ୍ଟେଡିୟମ୍ ଭିତରର ସନ୍ଧ୍ୟା କୁନିକୁନି ପିଲାମାନଙ୍କର ନୃତ୍ୟ ପରିବେଷଣ ସାଂଗକୁ ଅର୍କେଷ୍ଟ୍ରା ସଂଗୀତରେ ହଜାର ହଜାର ଲୋକଙ୍କୁ ଆକୃଷ୍ଟ କରିଥିଲା ।

# ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷ ରୁ ହିମନ୍ତ ବିଶ୍ୱ ଶର୍ମାଙ୍କ କୁଶପୁତଳିକା ଦାହ



ବାଲେଶ୍ୱର(ନି.ପ୍ର.) ଏ ଆଇସିସି ଅଦକ୍ଷ୍ୟ ମାଲିକର୍ଜୁନ ଖଡ଼ଗେ ଙ୍କ ସମ୍ପର୍କ ରେ ଅଶାଳୀନ ମନ୍ତବ୍ୟ ଦେଇଥିବା ପ୍ରତିବାଦ ରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷ ରୁ ୧୧ତାରିଖ ସନ୍ଧ୍ୟା ରେ ବିଜେପି ନେତା ତଥା ଆସାମ ମୁଖ୍ୟ ମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଙ୍କ କୁଶପୁତଳିକା

ସ୍ଥାନୀୟ ଷ୍ଟେସନ ଛକ ରେ ଦଳୀୟ କର୍ମୀ ମାନେ ଦାହ କରିଛନ୍ତି ସଦର ନିର୍ବାଚନମଣ୍ଡଳୀର କଂଗ୍ରେସ ଯୁବ ନେତା ସରୋଜକୁମାର ଲେଙ୍କା ଏବଂ ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଙ୍କ ନେତୃତ୍ୱ ରେ ଦଳର କର୍ମ କର୍ତା ଏବଂ କର୍ମୀ ମାନେ ଏକ ପଟୁଆରରେ ଆସି ଷ୍ଟେସନ ଛକ ରେ ହିମନ୍ତ ଙ୍କ ବିରୋଧ ରେ ବିଭିନ୍ନ ସ୍ଲୋଗାନ ଦେଇ ଥିଲେ ପରେ କର୍ମୀ ମାନେ ବିଶ୍ୱ ଶର୍ମା ଙ୍କ କୁଶପୁତଳିକା ଦାହ କରିଥିଲେ ଆଜିର ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା କଂଗ୍ରେସ ର ପୂର୍ବତନ ସଭାପତି ସଂଜୀବ ଗିରି , ବରିଷ୍ଠ କଂଗ୍ରେସ ନେତ୍ରୀ ଅର୍ଚନା ନନ୍ଦୀ ଉପସଭାପତି ଗୋପୀନାଥ ପାଢ଼ୀ , ଜୁବୁଲି ପଣ୍ଡା,ଜିଲ୍ଲା ଯୁବ ସଭାପତି ରଞ୍ଜନ ଦାସ ଛାତ୍ର ସଭାପତି ଗୌତମ ସାହୁ ସାଧାରଣ ସମ୍ପାଦକ ନିଶିତ ବାରିକ ସମ୍ପାଦକ ଶ୍ରୀକାନ୍ତ ବୁଗୁଡ଼ାଇ ଟାଉନ ସଭାପତି ଅନୁପ ସ୍ୱାଇଁ ସାଧାରଣ ସମ୍ପାଦକ କେଶବ ନାୟକ,ସମ୍ପାଦକ ଅଜୟ କୁମାର ଜେନା ବିଜୟ ମହାନ୍ତି, ତୁଷାର କାନ୍ତି ତପସୀ, ଆଶିଷ ପଟନାୟକ , ଜୋସ୍ନା ସେନାପତି, ବାସନ୍ତୀ ନାୟକ, ହେମଲତା ଦାସ, ରେମୁଣା ବ୍ଲକ ସଭାପତି କନେଇ ବେହେରା, ୩୬ ନମ୍ବର ଛକ୍କଭର ରବୀନ୍ଦ୍ର ମଣ୍ଡଳ ସଭାପତି ସୌରଭ ପଟନାୟକ ରାଧାକାନ୍ତ ସାହୁ ନବ କିଶୋର ଭୂଇଁୟା ସହେବା ଆକତାର ଅଭିଲିପସା ମହାନ୍ତି ପ୍ରମୁଖ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ ।

# ଶିକ୍ଷା ସୁରକ୍ଷା ମଂଚ ପକ୍ଷରୁ ଡିଇଓଙ୍କୁ ସ୍ମାରକପତ୍ର

ବାଲେଶ୍ୱର(ନି.ପ୍ର.)ଆଜି ଶିକ୍ଷା ସୁରକ୍ଷା ମଂଚ ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚାରି ଦଫା ସମ୍ବଳିତ ଏକ ସ୍ମାରକ ପତ୍ର ପ୍ରଦାନ କରିବା ସହ ତାଙ୍କ ସହ ସେ ସମ୍ବନ୍ଧରେ ଆଲୋଚନା କରାଯାଇ ଅଛି ! ଅନୁପାତୀଭିତିକ ଶିକ୍ଷକ ଏବଂ ଛାତ୍ରଙ୍କ ସମନ୍ୱୟ ରଖାଇ ଏକ ଶୈକ୍ଷିକ ପରିବେଶ ସୃଷ୍ଟି ! ଦୀର୍ଘ ଦିନ ଧରି ଏକ ସ୍କୁଲରେ ରହି ପାଠ ନ ପଢାଇ ନିଜ ପତିଆରା ଦେଖାଉଥିବା ଶିକ୍ଷକ / ଶିକ୍ଷୟତ୍ରୀଙ୍କୁ ଚିହ୍ନଟ କରି ବଦଳି କରିବା ସହ ସରକାରଙ୍କ ମାର୍ଗଦର୍ଶିକାକୁ ପାଳନ କରିବା ! ଶିକ୍ଷକ / ଶିକ୍ଷୟତ୍ରୀଙ୍କ ପାରଦର୍ଶିତାକୁ ଅନୁଧ୍ୟାନ କରି ସେମାନଙ୍କୁ ତାଗିଦ କରିବା ଏବଂ ଶେଷରେ ସମସ୍ତ ସ୍କୁଲକୁ ଶିକ୍ଷା ଅଧିକାରୀ ଅଚାନକ ଗସ୍ତ କରି ଶିକ୍ଷାକୁ ନୂଆ ଜୀବନ ଦେବା ପାଇଁ ଅନୁରୋଧ କରାଯାଇ ଅଛି ! ଶିକ୍ଷା ଅଧିକାରୀ ଶିକ୍ଷା ବିଭାଗର ବହୁ ତ୍ରୁଟି ବହୁ ବର୍ଷ ଧରି ଥିବା ମାନିବା ଏବଂ ସେ ମାତ୍ର ୮ ମାସ ହେବ ବଦଳି ହୋଇ ଆସି ଥିବାରୁ ସବୁ ସମସ୍ୟା ସମାଧାନ ପାଇଁ ସମୟ ଆବଶ୍ୟକ କଥା କହିଥିଲେ ! ଉକ୍ତ ଆଲୋଚନାରେ ଆବାହକ ରଘୁନାଥ ଲେଙ୍କା, ଦେବାଶିଷ ସିଂହ, ପ୍ରତିମା ପଣ୍ଡାଙ୍କ ବ୍ୟତୀତ ପ୍ରସନ୍ନ କୁମାର ପାତ୍ର, ଜ୍ୟୋସ୍ନା ସେନାପତି, ଇକବଲ ଖାଁ,ପୂର୍ଣ୍ଣ ପଣ୍ଡା,ସନ୍ତୋଷ ସିଂହ, ତାପସ ମହାପାତ୍ର, ମିନତୀ ସେଠୀ, ଆଶ୍ରିତା ତରାଇ, ପରମେଶ୍ୱର ମହାନ୍ତି,ଭାରତ ଭୂଷଣ ଦାସ,ସତ୍ୟନ୍ଦ୍ର ଦାସ, ମନୋରଞ୍ଜନ ସାହୁ, ଗୌରାଙ୍ଗ ପାଣିଗ୍ରାହୀ, ଗୋପାଳ ଜେନା, ଅନ୍ତର୍ଯ୍ୟାମୀ ପ୍ରଧାନ, ସେକ ଅଜଗର ଅଲ୍ଲୀ, ସେକ ହସେନ ପ୍ରଭୃତି ଉପସ୍ଥିତ ଥିଲେ !

# କାଦରାବାଦ ବସନ୍ତ ଉତ୍ସବ ରୌପ୍ୟ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସ ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.): ବାଲେଶ୍ୱର ସହରର କାଦ୍ରାବାଦ୍ ଠାରେ ୨୫ତମ ବସନ୍ତ ଉତ୍ସବ ର ରୋପ୍ୟ ଜୟନ୍ତୀ ସମାରୋହର ଶନିବାର ଦ୍ୱିତୀୟ ଦିବସ ପାଳିତ ହୋଇଯାଇଛି । କମିଟିର ଅଧକ୍ଷ ଦେବେନ୍ଦ୍ର ନାଥ ଚୌଧୁରୀଙ୍କ ଅଧକ୍ଷତା ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ପଙ୍କଜ କୁମାର ଜେନା ଯୋଗ ଦେଇ ଦୀର୍ଘ ୨୫ବର୍ଷ ଧରି ଶାନ୍ତି ଶୃଙ୍ଖଳାର ସହ ଏହି ଉତ୍ସବର ଆୟୋଜନ ହୋଇଆସିଥିବାରୁ ପ୍ରଥମେ ଆୟୋଜକ ବନ୍ଧୁମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ । ପରୀକ୍ଷା ରେ ଟପ୍ କରୁଥିବା ପିଲା ଦୁର୍ନୀତି ଅଭଯୋଗରେ ଆଜି ଜେଲ୍ ଭିତରେ ରହୁଛି । ସେଇଥି ପାଇଁ ନିଜ ନିଜ ପିଲାଙ୍କୁ ଭଲ ମଣିଷ କରିବା ପାଇଁ ଉପସ୍ଥିତ ଜନସାଧରଣଙ୍କୁ ସେ ଆହ୍ୱାନ ଦେଇଥିଲେ ।ଏଥିସହ ସାଂସ୍କୃତିକ ଓ ପରମ୍ପରା କୁ ନେଇ ଆୟୋଜିତ କାର୍ଯ୍ୟକ୍ରମ କୁ ଭୁୟସୀ ପ୍ରଶଂସା କରିଥିଲେ କ୍ଷ ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଓକିଲ ସଂଘର ଉପସଭାପତି ରଣଜିତ ପଣ୍ଡା,ସମ୍ମାନୀତ ଅତିଥି ଅତିଥି ଭାବେ ସଭାପତି ରିତିକ୍ ଜୀ, ସମ୍ପାଦକ ଦେବାଶିଷ ଦାସ ପ୍ରମୁଖ ମଂଚାସିନ ରହି ଉଦବୋଧନ ଦେଇଥିଲା ବେଳେ ଉପସଭାପତି ଅଶୋକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପରିପ୍ରେକ୍ଷୀରେ ମହିଳା ମାନଙ୍କ ଦ୍ୱାରା ଅନୁଷ୍ଠିତ ଶଙ୍ଖ ଫୁଙ୍କା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗିଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସଭା ପରେ ସୁନାମ ଧନ୍ୟ ସଙ୍ଗୀତ କଳାକାର ପ୍ରଜ୍ଞା ଖଟୁଆ ଏବଂ



ରାଜେଶଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଧୀରେନ୍ଦ୍ର ନାଥ ଚୌଧୁରୀ, ସୁକୁମାର ପାଣିଗ୍ରାହୀ, ନୀଳମାଧବ ବିଶ୍ୱାଳ, ତ୍ରିଲୋଚନ ବାରିକ,ଶ୍ରୀକୃଷ୍ଣ ଦାସ,ସୁଶାନ୍ତ ଶତପଥି, ବୀରେନ୍ଦ୍ର ଖିଲାର, ମାନସ କୁମାର ଦାସ, ନଳିନୀ କାନ୍ତ ଦାସ, ସୁମନ୍ତ ବେହେରା, ଲକ୍ଷ୍ମୀଧର ମାଝୀ,ପ୍ରଦୀପ ମହାନ୍ତି , ଅଜୟ କୁମାର ବିଶ୍ୱାଳ,ପଂଚାନନ ମାଝୀ ,ଅଶୋକ ଚୌଧୁରୀ, କକନ ଦାସ, ଲକ୍ଷ୍ମୀଧର ବେହେରା, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ ।

# ଓଡ଼ିଆ ପକ୍ଷ – ୨୦୨୬ ଅବସରରେ ବାଲେଶ୍ୱର ଜିଲ୍ଲାସ୍ତରୀୟ "ବନ୍ଦନୀୟ ବରପୁତ୍ର" କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲେଶ୍ୱର(ନି.ପ୍ର.) ଆଜି ହେଉଛି ଓଡ଼ିଆ ପକ୍ଷ ର ଦ୍ୱାଦଶ ଦିନ । ଓଡ଼ିଶାର ସଂସ୍କୃତି ଓ ସାହିତ୍ୟର ଗୌରବମୟ ଐତିହ୍ୟକୁ ସମ୍ମାନ ଜଣାଇ ରାଜ୍ୟର ବରପୁତ୍ରଙ୍କ ଅବଦାନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ, ବାଲେଶ୍ୱର ଓ ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ - ୨୦୨୬ ଅବସରରେ "ବନ୍ଦନୀୟ ବରପୁତ୍ର" କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲ, ବାଲେଶ୍ୱରଠାରେ ରବିବାର ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଆୟୋଜିତ ହୋଇଯାଇଅଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାର ବରପୁତ୍ରମାନଙ୍କ ଉପରେ ଏକ ଆଲୋଚନାଚକ୍ର ଏବଂ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ସମ୍ମାନୀତ ଅତିଥି ଭାବେ ମାନ୍ୟବର ବିଧାୟକ ଜଳେଶ୍ୱର ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର, ବାଲେଶ୍ୱର ପୌରାଧକ୍ଷା ଶ୍ରୀମତୀ ସବିତା ସାହୁ, ଅତିରିକ୍ତ ଜିଲାପାଳ (ସାଧାରଣ), ବାଲେଶ୍ୱର ଶ୍ରୀ ସୁଧାକର ନାଏକ ଓ ଅତିରିକ୍ତ ଜିଲାପାଳ (ରାଜସ୍ୱ), ବାଲେଶ୍ୱର ଶ୍ରୀ ହେମନ୍ତ କୁମାର ସିଂହ ପ୍ରମୁଖ ଯୋଗ ଦେଇ ଓଡ଼ିଶାର ସଂସ୍କୃତି ଓ ସାହିତ୍ୟର ଗୌରବମୟ ଐତିହ୍ୟ ଏବଂ ବରପୁତ୍ରମାନଙ୍କ ଅବଦାନ ସମ୍ବନ୍ଧରେ ଆଲୋକପାତ କରିବା ସହ ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ଦେବା ଉପରେ ମତବ୍ୟକ୍ତ କରିଥିଲେ । ଏଥିସହ ବରପୁତ୍ରମାନେ ଦେଶ ବିଦେଶରେ ଓଡ଼ିଶା ଏବଂ ଓଡ଼ିଆମାନଙ୍କର ପରିଚୟ ସୃଷ୍ଟି କରିଛନ୍ତି ଏବଂ ଓଡ଼ିଆ ବୋଲି ଗର୍ବ କରିବାକୁ ଯେଉଁମାନଙ୍କ ଅବଦାନ ରହିଛି, ସେମାନଙ୍କୁ ସମସ୍ତ ଓଡ଼ିଶା ବାସୀ ତଥା ବାଲେଶ୍ୱର ବାସୀ ଜାଣିବା ନିହାତି ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ଦ୍ୱିତୀୟ ଅଧିବେଶନରେ ବାଲେଶ୍ୱର ଜିଲ୍ଲାର ବରପୁତ୍ରମାନଙ୍କ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଆଲୋଚକ ଭାବେ ଶ୍ରୀ ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାଚୀନ ଓ ମଧ୍ୟ ଯୁଗକୁ ବାଲେଶ୍ୱରର ବରପୁତ୍ରଙ୍କ ଅବଦାନ ବିଷୟବସ୍ତୁ ଆଧାରିତ ଆଲୋଚନାରେ ବରପୁତ୍ର ଜାନକୀ ବଲ୍ଲଭ କର, ପୁରୁଷୋତମ ଦାସ, ପଣ୍ଡିତ ଶ୍ରୀଧର ସ୍ୱାମୀ ଏବଂ ଶ୍ରୀ ବଳଦେବ ବିଦ୍ୟାଭୂଷଣଙ୍କ ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଅନ୍ୟତମ ଆଲୋଚକ ଭାବେ ଶ୍ରୀ ଶିରିଶ ଚନ୍ଦ୍ର ଜେନା ଆଧୁନିକ ଯୁଗକୁ ବାଲେଶ୍ୱରର ବରପୁତ୍ରଙ୍କ ଅବଦାନ ବିଷୟବସ୍ତୁ ଆଧାରିତ ଆଲୋଚନାରେ ବରପୁତ୍ର ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ରାଜା ବୈକୁଣ୍ଠ ନାଥ ଦେବ, ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଡ଼. ହରେକୃଷ୍ଣ ମହତାବ, ରାମକୃଷ୍ଣ ପଟ୍ଟନାୟକ, ଅନନ୍ତ ପ୍ରସାଦ ପଣ୍ଡା, ପଦ୍ମଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁ, ଚନ୍ଦ୍ରମୋହନ ମହାରଣା, ଅବଦୁଲ ରହିମ, ବାଂଚ ।ନିଧି ମହାନ୍ତି, ଯଦୁନାଥ ଦାସ ମହାପାତ୍ର, ଐତିହାସିକ ମନ୍ମଥ ନାଥ ଦାସ, ପଦ୍ମଭୂଷଣ ମନୋଜ ଦାସ, ବ୍ରଜନାଥ ରଥ, ନରେନ୍ଦ୍ର ନାଥ ମିଶ୍ର, ବୈଷ୍ଣବ ଚରଣ ଦାସ, ଶଶୀଭୂଷଣ ରାୟ ଇତ୍ୟାଦିଙ୍କ ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ ।

ଶେଷ ଅଧିବେଶନରେ ଆୟୋଜିତ କବିତା ପାଠୋତ୍ସବରେ ଜିଲ୍ଲାର ୫୦ ଜଣ ବିଶିଷ୍ଟ କବି ଓ କବୟିତ୍ରୀ ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ଓ ବରପୁତ୍ରଙ୍କ ଅବଦାନ ବିଷୟବସ୍ତୁ ଆଧାରିତ ସ୍ୱରଚିତ କବିତା ପାଠ କରିଥିଲେ । ଏହି କବିତା ପାଠୋତ୍ସବକୁ ଶ୍ରୀମତୀ ଜ୍ୟୋସ୍ନାରାୟ ମହାପାତ୍ର ଓ ଶ୍ରୀ ପଦ୍ମଲୋଚନ ପ୍ରଧାନ ସଂଯୋଜନା କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ।

# ଶ୍ରମିକନେତା ସ୍ୱର୍ଗତ ଯୋଗେନ୍ ଦାସଙ୍କ ୬ଷ୍ଠ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ସଭା




ବାଲେଶ୍ୱର(ନି.ପ୍ର.): ବିଶିଷ୍ଟ ଶ୍ରମିକନେତା ସ୍ୱର୍ଗତ ଯୋଗେନ୍ ଦାସଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶନିବାର ସନ୍ଧ୍ୟାରେ ବାଲେଶ୍ୱର ଷ୍ଟେସନ କ୍ଲବରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ସଭାରେ ଅଧ୍ୟକ୍ଷତା କରିଥିଲେ । ସ୍ୱର୍ଗତ ଦାସଙ୍କ ବାଲ୍ୟବନ୍ଧୁ ବରିଷ୍ଠ ଆଇନଜୀବୀ ଶରତ ମହାପାତ୍ର, ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ ନାୟକ ଓ ସଂପାଦକ ସମ୍ବିତ ନନ୍ଦି, କବି ଡ. କାଳିପଦ ପଣ୍ଡା, ଡା. ଶାନ୍ତନୁ ଦାସ, ଅଧ୍ୟାପକ ଅଭୟ ଦାସ, ପଡ଼ୋଶୀ କାହ୍ନୁଚରଣ ଦାସ, ଅଧ୍ୟାପକ ହରେକୃଷ୍ଣ ପଲେଇ, କବି ଅଭୟ ଦାସ, କନ୍ୟା ଜ୍ୟୋତିର୍ମୟୀ ଦାସ, ମହମ୍ମଦ ଇସଲାମ, ସଂଗ୍ରାମ ମାଝୀ, ବିଧାନ ଚନ୍ଦ୍ର ରାୟ, ଉର୍ମିଳା ମାଝୀ, ସତ୍ୟେନ୍ଦ୍ର ଦାସ, ଜିତେନ୍ଦ୍ର ଉପାଧ୍ୟାୟ, କେଶବ ଆଚାର୍ଯ୍ୟ, ତାଙ୍କର ସହକର୍ମୀ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ଓ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ପ୍ରମୁଖ ତାଙ୍କର ସ୍ମୃତିଚାରଣ କରି ବାଲେଶ୍ୱରରେ ଅସଂଗଠିତ ଶ୍ରମିକମାନଙ୍କୁ ସଂଗଠିତ କରି ସେ ବହୁ ସଂଗ୍ରାମର ନେତୃତ୍ୱ ନେଇଥିଲେ ବୋଲି ପ୍ରକାଶ କରିଥିଲେ । ପ୍ରତିରକ୍ଷା ବିଭାଗରେ ନିଜର କର୍ମମୟ ଜୀବନକାଳରେ ସେ ଚାକିରିରୁ ବହୁବାର ବିତାଡ଼ିତ ହୋଇଛନ୍ତି ଓ ପୁନଃନିଯୁକ୍ତି ପାଇଥିଲେ । ଶ୍ରମିକ ଆନ୍ଦୋଳନରେ ସେ ନେତୃତ୍ୱ ନେଇ ବହୁବାର କାରାବରଣ କରିଥିଲେ । ସେ ଜଣେ ସୁସଂଗଠକ ଓ ସମସ୍ତଙ୍କର ପ୍ରିୟ ମଣିଷ ଥିଲେ ବୋଲି ଅତିଥିମାନେ ମତ ଦେଇଥିଲେ । ସୁନହଟରେ ତାଙ୍କ ନାମରେ ଏକ ସଡ଼କକୁ ନାମିତ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି ।ସାଂପ୍ରତିକ ପରିସ୍ଥିତିରେ ପ୍ରଚଳିତ ଶ୍ରମ ଆଇନଗୁଡ଼ିକୁ ମାଲିକମାନଙ୍କ ସ୍ୱାର୍ଥରେ ପରିବ□ନ କରାଯାଉଥିବାବେଳେ ବ□ମାନ ଯୋଗେନ୍ ଦାସଙ୍କ ଆଦର୍ଶରେ ଶ୍ରମିକଶ୍ରେଣୀ ଅନୁପ୍ରାଣିତ ହୋଇ ସଂଗଠିତ ସଂଗ୍ରାମ କରିବାକୁ ଶ୍ରଦ୍ଧାଞ୍ଜଳି ସଭାରେ ଶ୍ରମିକନେତାମାନେ ଆହ୍ୱାନ ଦେଇଥିଲେ । ଶ୍ରଦ୍ଧାଞ୍ଜଳି ସଭାର ଆୟୋଜକ 'ଯୋଗେନ୍ ଦାସ ସ୍ମୃତିକମିଟି'କୁ ଅତିଥି ଓ ବକ୍ତାମାନେ ଧନ୍ୟବାଦ ଦେଇଥିଲେ । ଏହି ସଭାରେ ବହୁ ଆଇନଜୀବୀ, ଶ୍ରମିକ ସଂଗଠନର ନେତୃତ୍ୱ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ । ସ୍ୱର୍ଗତ ଦାସଙ୍କ ପୁତ୍ର, କନ୍ୟା, ଜାମାତା ଓ ଆତ୍ମୀୟ ସ୍ୱଜନ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଥିଲେ । ସଭାକାର୍ଯ୍ୟ ଆରମ୍ଭରେ ସ୍ୱର୍ଗତ ଯୋଗେନ୍ ଦାସଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପ ପ୍ରଦାନ କରିଥିଲେ । ସ୍ୱର୍ଗତ ଦାସଙ୍କ ଭଣଜା ତାପସ କୁମାର ସାହୁ ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# ମା’ ବାଟମଙ୍ଗଳାଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ

ନୟାଗର(ନିପ୍ର): ନୟାଗଡ଼ ସହରର ବାରମାସୀ ଦଣ୍ଡା ନିକଟରେ, ମୁନିସିପାଲିଟିର ୧୧ ନମ୍ବର ୱାର୍ଡରେ ଅବସ୍ଥିତ ଏହି ନୂତନ ମନ୍ଦିରକୁ କେନ୍ଦ୍ର କରି ଅଂଚଳରେ ଆନନ୍ଦର ମହଲ ଦେଖିବାକୁ ମିଳିଥିଲା । ସକାଳ ୯ ଘଟିକା ସମୟରେ ପଣ୍ଡିତ ମାନଙ୍କ ଦ୍ୱାରା ପୂଜା ପାଠ ଓ ହୋମଯଜ୍ଞ ଆରମ୍ଭ ହୋଇଥିଲା । ଏହା ସହିତ ନାମ କୀର୍ତନର ଧ୍ୱନିରେ ପରିବେଶ ଭକ୍ତିମୟ ହୋଇଯାଇଥିଲା । ହୋମଯଜ୍ଞରେ କର୍ତା ଭାବେ ଗୋପୀନାଥ ମହାନ୍ତି ଓ ନରସିଂହ ପୃଷ୍ଟି ବସିଥିଲେ । ଏହି ଉତ୍ସବଟି ୱାର୍ଡ କାଉନସିଲର ଅକ୍ଷୟ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏବଂ



ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ବହୁ ଆଡମ୍ବରରେ ପାଳନ କରାଯାଇ ଥିଲା । ବାରମାସୀ ଦଣ୍ଡା ଅଂଚଳରେ ପୂର୍ବରୁ କୌଣସି ମନ୍ଦିର ନଥିବାରୁ ଏହି ମନ୍ଦିର ନିର୍ମାଣ ନେଇ ଅଂଚଳବାସୀମାନେ ବହୁତ ଖୁସି ବ୍ୟକ୍ତ କରିଛନ୍ତି । ଉତ୍ସବରେ ନୟାଗଡ଼ ବିଧାୟକ ଡ଼. ଅରୁଣ କୁମାର ସାହୁ, ରଣପୁରର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ପୌରପରିଷଦ ଅଧକ୍ଷା ନିରୁପମା ଖଟେଇ, ଉପାଧକ୍ଷ ଗୁରୁ ପ୍ରସାଦ ଜେନା, ଜିଲ୍ଲା ଓକିଲ ସଂଘର ସମ୍ପାଦକ ସ୍ୱଦେଶ ମିଶ୍ର, ବରିଷ୍ଠ ସାମ୍ବାଦିକ ଶ୍ରୀକାନ୍ତ ଖଟେଇ ଓ ସମାଜସେବୀ ଲକ୍ଷ୍ମୀପ୍ରିୟା ପଣ୍ଡା ମୁଖ୍ୟତଃ ଉପସ୍ଥିତ ଥିଲେ ।ଉତ୍ସବର ଶେଷରେ ଭକ୍ତମାନେ ପ୍ରସାଦ ସେବନ କରି ଆଧାତ୍ମିକ ଆନନ୍ଦର ଅନୁଭବ କରିଥିଲେ ।

# ଋଷି ପୀଠ ଯୋଗୀ ମଠ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା, ମନ ମୋହିଲା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ

ନୂଆପଡା(ନିପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ତୁକୁଲା ସ୍ଥିତ ଋଷି ପୀଠ ଯୋଗୀ ମଠ ମହୋତ୍ସବ ଦ୍ୱିତୀୟ ଦିନରେ ପହଂଚିଛି । ଦ୍ୱିତୀୟ ଦିନର ସାଂସ୍କୃତିକ ସଭାରେ ଋଷିପୀଠ ଯୋଗୀ ମଠ ମହୋତ୍ସବ ପାଳନ କମିଟିର ଉପ ସଭାପତି ବୁଦାଙ୍ଗ ଜାନୀ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନୂଆପଡା ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝୀ, ସମ୍ମାନିତ ଅତିଥି ? ଭାବେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବିଜ୍ଞାପିତ ଅଂଚଳ ପରିଷଦ ଖଡ଼ିଆଳ ଉଜ୍ଜଳ ଗୁପ୍ତା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଖଡ଼ିଆଳ ମିଲନ କୁମାର ଝାଙ୍କର, ଖଡ଼ିଆଳ ତହସିଲଦାର ନରସିଂହ ଗଦବା, ଖାସବାହାଲ ଗ୍ରାମ ପଂଚାୟତ ସରପଂଚ କୁନୁ ଚରଣ ବେହେରା, ବଙ୍ଗୋମୁଣ୍ଡା ବ୍ଲକ ବଲଧା ଗ୍ରାମ ପଂଚାୟତ ସରପଂଚ ସଦାଚରଣ ତାଣ୍ଡି, ମଂଚସିନ ଥିବା ବେଳେ । ମୁଖ୍ୟବକ୍ତା ଭାବେ ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି ତଥା ବିଶିଷ୍ଟ କଳାକାର ଅର୍ଜୁନ ଛତ୍ରିଆ ଯୋଗଦାନ କରି ଋଷି ପୀଠ ଯୋଗୀ ମଠ ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନ ଇତିହାସ, ଧର୍ମ ସଂସ୍କୃତି ପରମ୍ପରାର ଅନ୍ୟାନ୍ୟ ପ୍ରତୀକ । ଏହାର ପ୍ରଚାର ପ୍ରସାର ତଥା ରକ୍ଷଣ ବେକ୍ଷଣରେ ଜନ ଭାଗିଦାରୀତାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ମହୋତ୍ସବ ବୋଲି ବକ୍ତା ମାନେ ମତବ୍ୟକ୍ତ କରିଥିଲେ । ଶିକ୍ଷାବିତ ବିଭୂତି ଦାଶ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବେଣୁପାଣି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭିକ ସଂଗୀତ ତୁକୁଲା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ପରିବେଷଣ କରିଥିଲେ।। ପରେ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଖଡ଼ିଆଳ ଲିଟିଲ ଷ୍ଟାର ପବ୍ଲିକ ସ୍କୁଲର ଓର୍ଡ଼ିଶୀ, ବୋଢ଼େନ ଧୋବେଇ ସେବାଶ୍ରମର ଆଦିବାସୀ ନୃତ୍ୟ, ଖଡ଼ିଆଳର ଜୟ ମାତାଦି ସାଂସ୍କୃତିକ ଅନୁଷ୍ଠାନର ସୁନାଦେଇ ଯାତ୍ରା, ପଲସଦା ସେବାଶ୍ରାମ ବୋଢ଼େନ ଘୁଡକା ନୃତ୍ୟ, ସିନାପାଲି ବ୍ଲକ ନିଲଜୀ ପଶ୍ଚିମ ଓଡ଼ିଶା ଫୋକ ଡ୍ୟାନ୍ସ, ଖଡ଼ିଆଳ ବଙ୍କାପୁରର ହନ୍ଦ୍ରଶେଖର, ଦିନବନ୍ଧୁ ଓ ଦେବେନ୍ଦ୍ର କମେଡି, ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ ଘୁମୁରା, ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନର ପଂଚରସୀ ପରିବେଷଣ କରାଯାଇଥିଲା ।

# ସିଏମ୍ ଟ୍ରଫି: କ୍ରୀଡ଼ା ପ୍ରତିଭା ଅନ୍ୱେଷଣ ପ୍ରହସନ

ଧାମନଗର(ନିପ୍ର): ରାଜ୍ୟ ସରକାର ତୃଣମୂଳ ସ୍ତରରୁ କ୍ରୀଡ଼ା ପ୍ରତିଭା ଲୋକଲୋଚନକୁ ଆଣିବା ପାଇଁ ସିଏମ୍ ଟ୍ରଫି ନାଁରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି । କିନ୍ତୁ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିଜ ନିର୍ବାଚନମଣ୍ଡଳୀ ଧାମନଗରରେ ଏହି କାର୍ଯ୍ୟକ୍ରମ ଏବେ ବିବାଦ ଭିତରେ । ମୁସ୍ତଫାପୁର ପଂଚାୟତର ଦୋବଲ କାଳୀ ପଡ଼ିଆରେ ଆୟୋଜିତ ଜିଲ୍ଲାସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଂଟକୁ ନେଇ ଯେଉଁ ଚିତ୍ର ସାମ୍ନାକୁ ଆସିଛି, ତାହା କ୍ରୀଡ଼ାର ବିକାଶ ଅପେକ୍ଷା ଶାସକ ଦଳର ଶକ୍ତି ପ୍ରଦର୍ଶନ ଓ ଗୋଷ୍ଠୀ କନ୍ଦଳର ଏକ ନଗ୍ନ ନମୁନା ଭଳି ମନେହେଉଛି । ସରକାରୀ ନିୟମାବଳୀ ଅନୁଯାୟୀ, ସିଏମ ଟ୍ରଫିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମାଂଚଳରୁ ଲୁକ୍କାୟିତ ପ୍ରତିଭାଙ୍କୁ ଖୋଜି ବାହାର କରିବା । ୧୭ ବର୍ଷରୁ କମ୍ ଏବଂ ୧୭ ରୁ ୩୫ ବର୍ଷ ବର୍ଗର ଯୁବକ-ଯୁବତୀଙ୍କ ପାଇଁ ଏହି ମଂଚ ପ୍ରସ୍ତୁତ କରାଯାଇଛି । ପ୍ରତି ଜିଲ୍ଲାକୁ ଏଥିପାଇଁ ୧୫ ରୁ ୨୦ ଲକ୍ଷ ଟଙ୍କାର ବ୍ୟୟବରାଦ ରହିଛି, ଯାହାକି ଖେଳାଳିଙ୍କ ଜର୍ସି, ଖାଦ୍ୟ, ଯାତାୟାତ ଏବଂ ମ୍ୟାଚ୍ ପରିଚାଳନା ପାଇଁ ଉଦ୍ଦିଷ୍ଟ । ମାତ୍ର ଧାମନଗରରେ ଏହାର ବାସ୍ତବତା ସଂପୂର୍ଣ୍ଣ ଓଲଟା । ଆଗୁଆ ପ୍ରଚାର ପ୍ରସାରର ଅଭାବ ଯୋଗୁଁ ବହୁ ପଂଚାୟତର ପ୍ରକୃତ ଖେଳାଳି ଏହି ସୁଯୋଗରୁ ବଂଚିତ ହୋଇଛନ୍ତି । ସାଧାରଣ ଲୋକ କିମ୍ବା ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ଏହି ଆୟୋଜନ ସମ୍ପର୍କରେ ସୂଚନା ଦିଆଯାଇ ନାହିଁ । ଫଳସ୍ୱରୂପ, ସରକାରୀ ଅର୍ଥରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଏକ ଘରୋଇ ଇଭେଂଟରେ ପରିଣତ କରାଯାଇଥିବା ଅଭିଯୋଗ ହେଉଛି । ନିୟମ ଅନୁଯାୟୀ, ପ୍ରଶାସନ ପକ୍ଷରୁ ବିଡିଓ କିମ୍ବା ଜିଲ୍ଲା କ୍ରୀଡ଼ା ଅଧିକାରୀ ଏହି ଖେଳର ପରିଚାଳନା କରିବା କଥା ମାତ୍ର ସେମାନଙ୍କର ଅନୁପସ୍ଥିତି ଅଧିକ ସନ୍ଦେହ ଦେଖାଦେଇଛି । ମାତ୍ର ଆଶ୍ଚର୍ଯ୍ୟର କଥା, ଖୋଦ୍ ମନ୍ତ୍ରୀଙ୍କ ପ୍ରତିନିଧିଙ୍କୁ ଅଶୋକ ପୁହାଣ ଙ୍କୁ ହିଁ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ ବୋଲି ସୂଚନା ମିଳିଛି । ସରକାରଙ୍କ ଜେଉ ଉଦ୍ଦେଶ୍ୟ ଗ୍ରାମାଂଚଳ ର ଖେଳାଳି ଙ୍କୁ ଆଗକୁ ନେବା ପାଇଁ ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଥିବା ବେଳେ ପ୍ରକୃତ କ୍ରୀଡ଼ା ପ୍ରତିଭା ଖୋଜିବା ପରିବର୍ତେ ଏହା ଦଳୀୟ କର୍ମୀଙ୍କ ସମ୍ମିଳନୀ ଭଳି ପ୍ରତୀତ ହେଉଛି । ପ୍ରଶାସନର ନିରବତା ଏବଂ ଗୋଟିଏ ଗୋଷ୍ଠୀର ଏକଛତ୍ରବାଦୀ ମନୋଭାବ ଯୋଗୁଁ ଧାମନଗରରେ କ୍ରୀଡ଼ା ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଯଦି ବିଭାଗୀୟ ମନ୍ତ୍ରୀଙ୍କ ନିଜ ଅଂଚଳରେ ‘ସିଏମ ଟ୍ରଫି’ର ଏଭଳି ଦୟନୀୟ ଅବସ୍ଥା, ତେବେ ରାଜ୍ୟର ଅନ୍ୟ ଅଂଚଳରେ ଏହାର କାର୍ଯ୍ୟକାରିତା କିଭଳି ହେଉଥିବ, ତାହା ଏବେ ବଡ଼ ପ୍ରଶ୍ନବାଚୀ । ପ୍ରଶାସନ ଏବଂ କ୍ରୀଡ଼ା ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ କ୍ରୀଡ଼ାକୁ ରାଜନୀତିରୁ ମୁକ୍ତ ରଖିବାକୁ ଅଂଚଳବାସୀ ଦାବି କରିଛନ୍ତି । ଏ ଦିଗରେ ଧାମନଗର ବିଡ଼ିଓ ବନ ବିହାରୀ ଦିନ୍ଧା ଙ୍କ ସହ ଯୋଗା ଯୋଗ କରିଥିଲୁ ସେ କହିଥିଲେ ।

# ଓଡ଼ିଆ ପକ୍ଷ -୨୦୨୬ ଅବସରରେ ଖୋରଧା ଜିଲ୍ଲାସ୍ତରୀୟ ‘ବନ୍ଦନୀୟ ବରପୁତ’ କାର୍ଯ୍ୟକ୍ରମ ଅନୁଷ୍ଠିତ

ଖୋର୍ଦ୍ଧା(ନିପ୍ର): ଜିଲ୍ଲା ସଂସ୍କୃତି ବିଭାଗ ଓ ଖୋରଧା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଏବଂ ଓଡିଶା ସାହିତ୍ୟ ଏକାଡ଼େମୀ ସହଯୋଗରେ ଓଡ଼ିଆ ପକ୍ଷ ଅବସରରେ ‘ବନ୍ଦନୀୟ ବରପୁତ୍ର’ କାର୍ଯ୍ୟକ୍ରମ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ର ଜୟୀରାଜଗୁରୁ ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜ୍ୟୋତି ଶଙ୍କର ସାହୁ ମୁଖ୍ୟ ଜିଲ୍ଲା ଉନୟନ ଅଧିକାରୀ - ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଭାପତିତ୍ୱ କରିଥିଲେ । ସମ୍ମାନୀତ ବକ୍ତା ଭାବରେ ଓଡ଼ିଶାର ସୁନାମଧନ୍ୟ ବକ୍ତା ତଥା ନିରାକାର ପୁର କଲେଜର ଇଂରାଜୀ ବିଭାଗର ବରିଷ୍ଠ ଅଧାପକ ଡ. ମୃତ୍ୟୁଞ୍ଜୟ ରଥ ବିଶିଷ୍ଟ ଆଲୋଚକ ଭାବରେ ଯୋଗଦେଇ ବନ୍ଦନୀୟ ବରପୁତ୍ର



ତଥା ରକ୍ତ ବିଜଡିତ ପାଇକ ମାଟିର ଅଶି ଓ ମସୀକୁ ନେଇ ବିଭିନ୍ନ ପାଇକ ତଥା ଉତ୍କଳ ର ବାଣୀ ଭଣ୍ଡାର କୁ ରୁଦ୍ଧି ମନ୍ତ କରିଥିବା କବି ସଚ୍ଚିଦାନନ୍ଦ ରାଉତରାୟ, କବିୟତ୍ରି କୁନ୍ତଳା କୁମାରୀ ସାବତ, ଡକ୍ଟର ମାୟାଧର ମାନସିଂ, ବୃନ୍ଦାବତୀ ଦାସୀ, କବି ଜୟଦେବ, ଶିଶୁ ଅନନ୍ତ, କବି ମାୟାଧର ମାନସିଂହଙ୍କ ଭଳି ବହୁ ମୁଖ୍ ପ୍ରତିଭା ଓ ଉତ୍କଳର ବାଣିଭଣ୍ଡାରକୁ ସେମାନଙ୍କ ଦାନ ଉପରେ ଆଲୋକପାତ କରିଥିଲେ । ଅନ୍ୟ ସମ୍ମାନୀୟ ବକ୍ତା ଭାବେ ନିରାକାରପୁର କଲେଜର ପ୍ରାକ୍ତନ ଅଧାପିକା ଡକ୍ଟର ପ୍ରତିଭାମୟୀ ମିତ୍ର ତାଙ୍କର ଅଭିଭାଷଣରେ ବକ୍ସି ଜଗବନ୍ଧୁ ଙ୍କ ଲୋମଟାଙ୍କୁରା କାହାଣୀ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ସାହିତ୍ୟ ସଂସଦ ର ସମ୍ପାଦକ ଡକ୍ଟର ଧୀରେନ୍ଦ୍ର ନନ୍ଦ ତାଙ୍କର ଏକ ପ୍ରବନ୍ଧ ଜୟୀ ରାଜଗୁରୁ ଙ୍କ ଉପରେ ପାଠ କରିଥିଲେ ସେହିପରି ଡଃ. କୈଳାଶ ଚନ୍ଦ୍ର ମହାରଣା ମଧ ବଶିଷ୍ଟ ବରପୁତ୍ର ଙ୍କ ଜୀବନୀ ଉପରେ ଆଲୋଚନ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଓଡ଼ିଆ ପକ୍ଷ ପାଳନର ଉଦେଶ୍ୟ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ନିଜର ସଭାପତିତ୍ୱ ଭାଷଣରେ ମାନନୀୟ ମୁଖ୍ୟ ଉନ୍ନୟନ ଅଧିକାରୀ କହିଥିଲେ ଯେଉଁ ବନ୍ଦନୀୟ ବରପୁତ୍ର ମାନେ ନିଜ ମା ମାଟି କୁ ନିଜ ଜୀବନ ଉତ୍ସର୍ଗ କରି ରୁଦ୍ଧିମନ୍ତ କରିଛନ୍ତି କେବଳ ତାଙ୍କ ଦିବସ ପାଳନ କରିବା ସହ ତାଙ୍କର ଦେଶ ଓ ସମାଜକୁ ପ୍ରଦର୍ଶିତ ମାର୍ଗରେ ନିଜକୁ ଗଢି ପାରିଲେ ତାହା ହେବ ତାଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି । ଆଜିର ଏହି ଓଡ଼ିଆ ପକ୍ଷ ପାଳନ ଅବସରରେ ଖୋର୍ଦ୍ଧା ଜିଲ୍ଲା ର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରାୟ ୬୫ ଜଣ କବି ଏଥିରେ ଭାଗ ନେବା ସହ ବରପୁତ୍ରଙ୍କ ଉପରେ ଆଧାରିତ କବିତା ପାଠ କରିଥିଲେ ।

# ଶିଶୁ ଭବନରେ ରୋଗୀଙ୍କୁ ଜଳଖିଆ ବିତରଣ



କଟକ(ନିପ୍ର): କଟକର ଶିଶୁ ଭବନକୁ ପ୍ରତିଦିନ ହଜାର ହଜାର ଶିଶୁ ରୋଗୀମାନେ ଚିକିତ୍ସା ପାଇଁ ଆସନ୍ତି । ତାଙ୍କ ସହିତ ଶିଶୁର ମା ବାପାମାନେ ମଧ ଆସନ୍ତି । ମାସର ଦ୍ୱିତୀୟ ରବିବାରରେ ଶିଶୁ ଭବନ ନିକଟରେ ଥିବା ଚାନ୍ଦିନୀଚୌକ ବଜାର ବନ୍ଦ ରହୁଥିବାରୁ କିପରି ରୋଗୀ ଓ ତାଙ୍କର ସହିତ ଆସିଥିବା ଲୋକମାନେ ସକାଳେ ଜଳଖିଆ ଲାଗି ହଇରାଣ ନ ହେବା ନିମିତ ଏକ ସୁନ୍ଦର ପ୍ରୟାସ କରିଥିଲେ ୟୁଥ୍ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନେ । ଦୂରସ୍ଥାନରୁ ଶିଶୁ ଭବନ ମେଡିକାଲକୁ ଆସୁଥିବା ରୋଗୀ ଓ ତାଙ୍କ ପରିଜନ ମାନଙ୍କ ନିମନ୍ତେ ନିଶୁଳ୍କ ଜଳଖିଆର ବ୍ୟବସ୍ଥା କରି ଏକ ମହତ କାର୍ଯ୍ୟ କରିଛନ୍ତି । ପ୍ରକୃତରେ ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ବୁଦ୍ଧିଜୀବୀମାନେ ଆଲୋଚନା କରିଛନ୍ତି ।

# ମା’ ଲାଲପାଟ ସାଲପାଟ ଗ୍ରାମଦେବୀଙ୍କ ପୂଜା ଅବସରରେ କଳସ ଯାତ୍ରା ଆରମ୍ଭ

ବାରିପଦା(ନିପ୍ର): ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୧୫ ନଂ ୱାର୍ଡ ପୂର୍ଣ୍ଣଚନ୍ଦ୍ରପୁର ସ୍ଥିତ ମା’ ଲାଲପାଟ ସାଲପାଟ ଗ୍ରାମଦେବୀଙ୍କ ବାର୍ଷିକ ପୂଜା ଅବସରରେ ଆଜି କଳସ ଶୋଭାଯାତ୍ରା ଆରମ୍ଭ ହୋଇଯାଇଛି ଓ ମା’ ଅମ୍ବିକାଙ୍କ ମନ୍ଦିର ନିକଟସ୍ଥ ଚିପଟ, ବୁଢାବଲଙ୍ଗ ଓ ଇଟାଯୋଡ଼ି ନଦୀର ସଙ୍ଗମ ସ୍ଥାନରେ ରୀତିନୀତି ଅନୁସାରେ ପୂଜାବିଧି ସମ୍ପନ୍ନ ହୋଇଥିଲା ଓ ଉକ୍ତ ସ୍ଥାନରୁ ଘଟ ଉତୋଳନ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅମ୍ବିକା ମନ୍ଦିରରୁ ସହର ପରିକ୍ରମା କରି ୨ ଶହରୁ ଉର୍ଦ୍ଧ ମହିଳା ଘଟ ଶୋଭାଯାତ୍ରାରେ ଗ୍ରାମଦେବୀ ମନ୍ଦିର ନିକଟରେ ପହଂଚିଥିଲେ । ତିନିଦିନ ଧରି ମନ୍ଦିରରେ ମା’ଙ୍କ



ପୂଜାବିଧି ଓ ନାମ ସଂକୀର୍ତନ କାର୍ଯ୍ୟକ୍ରମ ରହିଛି ବୋଲି ମନ୍ଦିର କମିଟି ପ୍ରକାଶ କରିଛନ୍ତି ଓ ଶେଷଦିନ ସର୍ବସାଧାରଣଙ୍କ ନିମନ୍ତେ ପ୍ରସାଦ ବ[ନ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି କମିଟି ଜଣାଇଛନ୍ତି ଓ ଏ ବର୍ଷ ମନ୍ଦିର ପରିସରରେ ମହାଦେବଙ୍କ ପ୍ରତିଷ୍ଠା ଉତ୍ସବ ମଧ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ଓ ବହୁ ସଂଖ୍ୟାରେ ସପରିବାରେ ଉପସ୍ଥିତ ରହି ମା’ ଆଶୀର୍ବାଦ ଲାଭ କରିବାକୁ କମିଟି ତରଫରୁ ଅନୁରୋଧ କରାଯାଇଛି ।

# ବିଶ୍ୱ ହୋମିଓପ୍ୟାଥିକ ଦିବସପାଳିତ

ସୋର(ନିପ୍ର): ସୋର ହୋମିଓପ୍ୟାଥିକ ରିସର୍ଚ୍ଚ ୟୁନିଟ ତରଫରୁ ମଡର୍ଣ୍ଣ ହୋଟେଲ ସଭା ଗୃହରେ ହୋମିଓପ୍ୟାଥିର ଜନକ ଖ୍ରୀଷ୍ଟିୟାନ ଫେଡେରିକ୍ ସାମୁଏଲ ହ୍ୟାନିମାନଙ୍କ ୨୭୨ତମ ଜନ୍ମଦିବସ ପାଳିତ ହୋଇ ଯାଇଛ । ଡା. ବ୍ରଜେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ତଥା ଅବସରପ୍ରାପ୍ତ ଏ ଡ଼ି ଏମ ଓ ଡା.ଶଶାଙ୍କ ଶେଖର ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ବାଲେଶ୍ୱର ଜିଲ୍ଲା ମଣ୍ଡଳ ଅଧକ୍ଷ ଡା.ସନ୍ତୋଷ କୁମାର ବେହେରା ଯୋଗଦେଇ ସାମୁଏଲ ହାନିମ୍ୟାନଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିବାସହିତ ବିଶ୍ୱ ହୋମିଓପ୍ୟାଥି ଦିବସରେ ହୋମିଓପ୍ୟାଥି ଔଷଧର ଗୁଣବତା ଉପରେ ରୋଗୀ ମାନଙ୍କର ଚିକିତ୍ସା । ସମ୍ବନ୍ଧରେ ପ୍ରାଧାନ୍ୟ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଡା. ହରେକୃଷ୍ଣ ରାଉତ,ଡା. ଆଲୋକ କୁମାର ଦାସ, ଡା.ଦିବ୍ୟ ଜୀବନ ସାହୁ, ଡା. ଶୁଭ୍ରାଂଶୁ ଶେଖର ସେଠି, ଡା.ସୃଷ୍ଟିଧର ପାଢୀ, ଡ଼ା ଗୟାଧର ପାଣିଗ୍ରାହୀ, ଡା.ପ୍ରଦିପ୍ତ ଚନ୍ଦ୍ର ଦାଶ, ଡ଼ା ନିରଞ୍ଜନ ପୋଥାଳ, ଡା.ତୃପ୍ତିମୟୀ ସେନାପତି, ଡା.ନିରୁପମା ଜେନା, ଡା. ରୁବି ଜେନା, ଡା.ସୁନୀତା ସେନ, ଡା. ଗୁରୁପ୍ରସନ୍ନ ପଣ୍ଡା, ଡା.ସଂଘମିତ୍ର, ବୁଦ୍ଧପ୍ରିୟା ଏବଂ ବହୁ ଡାକ୍ତର ଯୋଗଦେଇ ଥିଲେ । ସାବିତ୍ରୀ ହୋମିଓ ହଲ, ତାରିଣୀ ହୋମିଓ ହଲ, ସୋର ହୋମିଓ ହଲ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ଡ଼ା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚୁଡ଼ାକୁଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଧାମନଗର(ନିପ୍ର): ଧାମନଗର ବ୍ଲକ ଅଧୀନ ଚୁଡ଼ାକୁଟି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୯ମ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା ସହ ସଂସ୍କାର ଗଢ଼ି ତୋଳିବାକୁ ଲକ୍ଷ୍ୟ କରି ଅନୁଷ୍ଠିତ ଏହି ଉତ୍ସବ ଅଂଚଳରେ ଶିକ୍ଷାମୂଳକ ପରିବେଶକୁ ଆହୁରି ସୁଦୃଢ଼ କରିଛି । ସାମ୍ବାଦିକ ନରେନ୍ଦ୍ର ସାମଲ ସୁଚାରୁ ଭାବେ ସଂଚାଳନା କରିଥିଲେ,ସମ୍ପାଦକ ବିବେକ କୁମାର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି




ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ଶିକ୍ଷା ହେଉଛି ଜୀବନ ଗଢ଼ିବାର ମୂଳ ଆଧାର ବୋଲି କହିଥିଲେ । ପ୍ରାଥମିକ ଶିକ୍ଷାରୁ ଶିଶୁମାନଙ୍କ ମନରେ ନୈତିକତା, ଶିଷ୍ଟାଚାର ଓ ଦେଶପ୍ରେମର ଚାରା ରୋପଣ କରିବା ଅତ୍ୟାବଶ୍ୟକ । ମୁଖ୍ୟବକ୍ତା ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ ଓ ଓଡ଼ିଶା ଶିକ୍ଷାବିକାଶ ପରିଷଦର ସୁଦର୍ଶନ ପରିଡା ପ୍ରମୁଖ ଶିକ୍ଷାର ଗୁରୁତ୍ୱ ଉପରେ ଅଲୋକପାତ କରିଥିଲେ । କ୍ରୀଡ଼ା ଓ ଶିକ୍ଷାକ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରି ତାଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରିତ କରିଥିଲେ । ସ୍କୁଲ କମିଟି ସଭାପତି ଜୟନ୍ତ ସାହୁଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ସମାପନ ହୋଇଥିଲା











ଯୌବନକୁ ଏପରି କଟାଅ, ଯାହାକି ବୃଦ୍ଧ ସମୟରେ ଦୁଃଖୀ ହେବ ନାହିଁ ।

# ଆଜିକାଲି



ସମଃ ଶତ୍ରୌ ଚ ମିତ୍ରେ ଚ, ତଥା ମାନାପମାନୟୋଃ
ଶୀତୋଷ୍ଣସୁଖଦୁଃଖେଷୁ, ସମଃ ସଙ୍ଗବିବର୍ଜିତଃ ॥
(ଶ୍ରୀମଦ୍ ଭଗବଦ୍ ଗୀତା)
ଭାବାର୍ଥ :ରାଗ, ହିଂସା, କାମନାଶୂନ୍ୟ, ପାପପୁଣ୍ୟ, ଶୁଭାଶୁଭ ଜାଣେ ନାହିଁ, ସେମାନେ ସର୍ବଦା ଅନୁରାଗୀ ହେତୁ ମୋର ପ୍ରିୟ ଅଟନ୍ତି

## ରାଜଧାନୀ ଭୁବନେଶ୍ୱର ପ୍ରତିଷ୍ଠା ଦିବସ

ଆଜି ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ୭୮ ତମ ପ୍ରତିଷ୍ଠା ଦିବସ । ୧୯୪୮ ମସିହା ଏପ୍ରିଲ ମାସ ୧୩ ତାରିଖରେ ଭୁବନେଶ୍ୱରକୁ ମିଳିଥିଲା ରାଜଧାନୀର ସ୍ୱୀକୃତି । ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଦ୍ୱାରା ରାଜଧାନୀର ଶୁଭ ଦିଆଯାଇଥିଲା ।ପଣ୍ଡିତ ଜବାହାରଲାଲ ନେହେରୁ ରାଜଧାନୀର ଭିତିପ୍ରସ୍ତର ସ୍ଥାପନ ବେଳେ ଏହା ଏକ ଆଦର୍ଶ ନଗରୀରେ ପରିଣତ ହେବ ବୋଲି କହିଥିଲେ । ସମୟ ସହିତ ତାଳ ଦେଇ ଭୁବନେଶ୍ୱରର ବୃଦ୍ଧି ପାଇଛି କଳେବର । ବିକାଶ ଧାରାରେ ସାମିଲ ହୋଇ ଦେଶର ୧ନମ୍ବର ସ୍ମାର୍ଟସିଟିର ମାନ୍ୟତା ହାସଲ କରିଛି । ଭୁବନେଶ୍ୱରରେ ବିଭିନ୍ନ କାଳର ପ୍ରାୟ ୭୦୦ ମନ୍ଦିର ଅଛି । ସେଇଥି ପାଇଁ ଭୁବନେଶ୍ୱର କୁ ମଧ୍ୟ ମନ୍ଦିର ମାଳିନୀ ସହର ବୋଲି କୁହାଯାଏ । ଭୁବନେଶ୍ୱରର ନାମଟି ଶିବଙ୍କ ଅନ୍ୟନାମ ତ୍ରିଭୁବନେଶ୍ୱର ନାମରୁ ଆସିଛି । ସହରର ଆକାର ବଢିବା ସହ ଚିତ୍ର ଚରିତ୍ରରେ ପରିବର୍ତ୍ତନ ହୋଇ ଜନସଂଖ୍ୟା ୧୫ ହଜାରରୁ ୧୫ ଲକ୍ଷରେ ପହଂଚିଛି । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ସବୁ କ୍ଷେତ୍ରରେ ଜାରି ରହିଛି ବିକାଶ । ଦେଶର ନମ୍ବର ୱାନ୍ ସ୍ମାର୍ଟସିଟିର ମାନ୍ୟତା ହାସଲ କରିସାରିଛି ଭୁବନେଶ୍ୱର । ମନ୍ଦିରମାଳିନୀ ସହର ଦେଶର ଏକ ନମ୍ବର ସ୍ମାର୍ଟ ସିଟିରେ ପରିଣତ ହୋଇଛି । ୧୯୪୮ ମସିହା ରେ ବିଜ୍ଞପିତ ଅଂଚଳ ଏହା ପରେ ୧୯୭୯ ମୁନସିପାଲଟି ମାନ୍ୟତା ପାଇଥିଲା । ଶେଷରେ ୧୯୯୪ ମସିହା ରେ ମହାନଗର ନିଗମ ମାନ୍ୟତା ପାଇଥିଲା । ଭୁବନେଶ୍ୱର କୁ ଏକ ମନହୋର୍ ନଗରୀ ଗଢି ତୋଳିବାର ନକ୍ସା ପ୍ରସ୍ତୁତ କରିଥିଲେ ଜର୍ମାନୀର ସ୍ଥାପତି ଓ ପ୍ଲାନର 'ଅଟୋ କନ୍‌ସୁବେଗର'(**Otto Konigsberger**) ମୁଖ୍ୟ ବିନ୍ଧାଣୀ ସାଜି ଭୁବନେଶ୍ୱର ପାଇଁ ଡିଜାଇନ୍ ପ୍ରସ୍ତୁତ କରିଥିଲେ ।ଐତିହ୍ୟ , କାରିଗରି, ମନ୍ଦିର ,ସ୍ଥାପତ୍ୟ ରେ ଭରପୂର ଭୁବନେଶ୍ୱର ବିଶ୍ୱ ଦରବାର ରେ ନୂଆ ରୂପରେ ପରିଚିତ ହୋଇଛି । ଏକଦା ବଣ,ପାହାଡ ଘେରା ଥିବା ରାଜଧାନୀ ଆଜି ଏବେ ସ୍ମାର୍ଟ ସିଟି ରେ ପରିଣତ ହୋଇଛି । ଚକାଚକ୍ ରାସ୍ତା, ବଡ଼ ବଡ଼ ଫ୍ଲାଏଓଭର ହୋଇଛି ।ଏକ ବିକଶିତ ସହର ପାଇଁ ଯେଉଁ ସ୍ୱପ୍ନ ଦେଖୁଥିବା ରାଜଧାନୀ ଅନେକ ବିକାଶ ମୂଳକ କାମ ଚାଲିଛି । କେବଳ ଖଣ୍ଡଗିରି ,ଉଦୟଗିରି, ଶ୍ରୀ ଲିଙ୍ଗରାଜ ମନ୍ଦିର କୁ ନେଇକି ଭୁବନେଶ୍ୱର ପରିଚୟ ସୀମିତ ନାହିଁ । ଆଜି ବିଶ୍ୱ ଦରବାର ରେ ଭୁବନେଶ୍ୱର ଶିକ୍ଷା ହବ୍, ଆଇଟି ହବ୍ ରେ ପରିଚୟ ପାଉଛି । ଆଇଆଇଟି,ଏମ୍ସ,ନାଇଜର, ଓୟୁଏଟି,ଉତ୍କଳ ବିଶ୍ୱବିଦ୍ୟାଳୟ, କିଟ୍ ଓ ସୋଆ ଭୁବନେଶ୍ୱର କୁ ନୂଆ ପରିଚୟ ସୃଷ୍ଟି କରିପାରିଛନ୍ତି । ପୁରୁଷ ହକି ବିଶ୍ୱକପ, ଏସିଆନ୍ ଆଥଲେଟିକ୍ ଗେମ୍ ଭଳି ଆନ୍ତର୍ଜାତିକ କ୍ରୀଡା ଆୟୋଜନ କରି ବିଶ୍ୱ ଦରବାର୍ ରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ସକ୍ଷମ ହୋଇଛି ।୧୯୫୮ ମସିହା ଜାନୁଆରୀ ୧ ତାରିଖରେ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଉତ୍କଳ ବିଶ୍ୱବିଦ୍ୟାଳୟ ନୂତନ କ୍ୟାମ୍ପସ ରେ ଶିଳାନ୍ୟାସ କରିଥିଲେ । ୧୯୬୩ ଜାନୁଆରୀ ୨ ତାରିଖରେ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଏହାର ଉଦଘାଟନ କରିଥିଲେ । ଏହା ପୂର୍ବରୁ ୧୯୪୩ ମସିହା ରେ କଟକ ରେଭେନ୍ସା କଲେଜ ର କ୍ୟାମ୍ପସ ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆରମ୍ଭ ହୋଇଥିଲା ନୂଆ କ୍ୟାମ୍ପସ ହେବା ପରେ ଏହା ଭୁବନେଶ୍ୱର କୁ ଉଠି ଆସିଥିଲା । ସେହିପରି ନୂଆ ରାଜଧାନୀ ହେଲା ପରେ ଭୁବନେଶ୍ୱର ରୁ ବିଧାନସଭା ଚାଲିଲା ଏହା ଆଗରୁ କଟକ ରେଭେନ୍ସା କଲେଜ ର ଆସେମ୍ବ୍ଲି ହଲରେ ବିଧାନସଭା ଚାଲୁଥିଲା ।ନୂଆ ରାଜଧାନୀ ଗଢି ତୋଳିବା ପାଇଁ ସମସ୍ତେ ଆଗେଇ ଆସିବା ଉଚିତ୍ । ଆଗକୁ ଆହୁରି ଯେପରି ରାଜଧାନୀ ଭୁବନେଶ୍ୱର ବିଶ୍ୱ ଦରବାରରେ ନିଜ ଖ୍ୟାତି ଅର୍ଜନ କରିପାରିବ ଓ ପ୍ରତିଟି ଲୋକ ର ଦୃଷ୍ଟି ଆକର୍ଷଣ କରିପାରିବ ଏହା ପ୍ରତିଟି ଲୋକ ର ଉଦ୍ଦେଶ୍ୟ ହେବା ଉଚିତ୍ ।

## ରାଜଧାନୀ ଭୁବନେଶ୍ୱର ପ୍ରତିଷ୍ଠା ଦିବସ

# କାଲି ଆଉ ଆଜି ପରିବର୍ତ୍ତନର ପଦଚିହ୍ନ

◆ ନାରାୟଣ ଚନ୍ଦ୍ର ବିଶ୍ୱାଳ

୧୯୪୮ ଏପ୍ରିଲ ୧୩। ରାଜଧାନୀ ଭୁବନେଶ୍ୱରର ଶିଳାନ୍ୟାସ ପଡ଼ିଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଏହାର ଶିଳାନ୍ୟାସ ଦେଇଥିଲେ । ଭୁବନେଶ୍ୱର ସହର ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରିଥିଲେ ଡକ୍ଟର ଓଟୋ ଏଚ୍.କୋଏନିସବର୍ଗର କେନ୍ଦ୍ର ଗୃହନିର୍ମାଣ ଓ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ । ମାଷ୍ଟରପ୍ଲାନ ପ୍ରସ୍ତୁତି ପାଇଁ ବ୍ୟୟବରାଦ ହୋଇଥିଲା ୬୧୦୦ ଟଙ୍କା । ୧୬.୪୮ ବର୍ଗ କିଲୋମିଟର ଅଂଚଳ ଓ ୪୦ ହଜାର ଜନସଂଖ୍ୟାକୁ ନେଇ ରାଜଧାନୀର ପରିକଳ୍ପନା କରାଯାଇଥିଲା । ସେତେବେଳେ କଳ୍ପନା ଛକରୁ ରାଜଭବନ ଓ ଶିଶୁଭବନ ଛକରୁ ସତ୍ୟନଗର ମଧ୍ୟରେ ସୀମିତ ଥିଲା କ୍ୟାପିଟାଲ ସହର । ପ୍ରଥମ ପର୍ଯ୍ୟାୟରେ ପୁରୁଣା ବିଧାନସୌଧ, ସଚିବାଳୟ ଓ ମାର୍କେଟ ବିଲ୍ଡିଂକୁ ମିଶାଇ ପ୍ରାୟ ୧୫୦୦ କୋଠାବାଡ଼ି ନିର୍ମାଣ ଲାଗି ମାଷ୍ଟରପ୍ଲାନ ହୋଇଥିଲା । ନେବରହୁଡ଼ ୟୁନିଟ ଯୋଜନାରେ ରାଜଧାନୀ ନିର୍ମାଣର ନିଁ ପଡ଼ିଥିଲା । ଇତିମଧ୍ୟରେ ୬୮ ବର୍ଷର ଲମ୍ବା ପଥ ଅତିକ୍ରମ ହୋଇଯାଇଛି । ୬୭ରେ ପାଦ ଥାପିଛି ରାଜଧାନୀ ଭୁବନେଶ୍ୱର । ଏହି ବାଟରେ ଅନେକ କିଛି ବଦଳି ଯାଇଛି । ୧୬.୬୪ ବର୍ଗ କିଲୋମିଟର ଅଂଚଳରୁ ନେଇ ଜନ୍ମ ନେଇଥିବା ରାଜଧାନୀର ସରହଦ ୧୧୧୦ ବର୍ଗ କିଲୋମିଟରକୁ ବ୍ୟାପିଗଲାଣି । ୧୯୪୮ର ସେଇ ଛୋଟିଆ ସହର ଆଜି ଭାରତବର୍ଷରେ ଏକ ପ୍ରମୁଖ ସହର ଭାବେ ମୁଣ୍ଡ ଟେକିଛି । ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟରେ ଅନେକ ବାଟ ଆଗେଇଛି ଭୁବନେଶ୍ୱର । ଗମନାଗମନ ଓ ପରିବହନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି । ସହର ଆରମ୍ଭ ବେଳେ ଯେଉଁ କାଁ ଭାଁ ଗାଡ଼ି ମଟର ଗଡୁଥିଲା, ସେଠି ଆଜି ୨୪ ଘଂଟା ଗାଡ଼ି ମଟର ଛୁଟୁଛି । ଶଗଡ଼ ଗୁଳା ରାସ୍ତା ଆଉ ନାହିଁ । ସବୁଠି ଚକାଚକ୍ ମାଷ୍ଟରପ୍ଲାନ ରାସ୍ତା । ମାଳମାଳ ଫ୍ଲାଏଭଓର ଠିଆ ହୋଇଥିବାବେଳେ ସହିଦନଗର-ବମିଖାଲ, ପୋଖରୀପୁଟ, ଭିଏସଏସ୍ ନଗର, ମଂଚେଶ୍ୱର ସବୁଠି ଫ୍ଲାଏଭର ନିର୍ମାଣ ଚାଲିଛି । ଜାତୀୟ ରାଜପଥରେ ବାଣୀବିହାର- ଆଚାର୍ଯ୍ୟ ବିହାର, ଜୟଦେବବିହାର, ସିଆରପି, ଫାୟାରଷ୍ଟେସନରେ ଫ୍ଲାଏଓଭର ଖୋଲିଛି । ରସୁଲଗଡ଼ ଓ ପାଣ୍ଡରାରେ ଫ୍ଲାଏଓଭର କାମ ଆଗେଇଛି । ପୁରୀ-ଭୁବନେଶ୍ୱର ମଧ୍ୟରେ ୬୭ କି.ମି. ରାସ୍ତା ପ୍ରଶସ୍ତିକରଣ ହୋଇଥିବାବେଳେ ପାଣ୍ଡରାରୁ ଦୟା ବ୍ରିଜ ପର୍ଯ୍ୟନ୍ତ



୧୧.୭ କି.ମି. ବାଇପାସ୍ ଖୋଲିଛି । ଏୟାରପୋର୍ଟ, ଜାଗମରାକୁ ଶହେ ଫୁଟିଆ ମାଷ୍ଟରପ୍ଲାନ ରାସ୍ତା ଫିଟିଥିବା ବେଳେ ପଳାଶୁଣିରୁ କେନାଲ ବନ୍ଧରେ ଗ୍ୟାରେଜ ଛକକୁ ନୂଆ ରାସ୍ତା ଫିଟିଛି । ଜନଗହଳିପୂର୍ଣ୍ଣ ଜନପଥ ୮ଲେନ୍ ହୋଇଛି । ଗଳିକନ୍ଦି ବି କଂକ୍ରିଟ ହେଉଛି । ଏକଥା ନୁହେଁ ଯେ, କେବଳ ରାସ୍ତା ଚଉଡ଼ା ହେଉଛି । ପରିବହନ ବ୍ୟବସ୍ଥାରେ ବି ବ୍ୟାପକ ପରିବର୍ତ୍ତନ ଆସିଛି । ସହର ଭିତରେ ସିଟି ବସ୍ ଏବେ ଲାଇଫ ଲାଇନ ପାଲଟିଛି । ଏସିସିଟି ବସ ବି ଗଡ଼ିଲାଣି । ମହିଳାଙ୍କ ପାଇଁ ପିଙ୍କ ଅଟୋ ଓ ସ୍ୱତନ୍ତ୍ର ସିଟି ବସ୍ ଚାଲିଲାଣି । ବିମାନ ସେବା ବି ତ୍ୱରାନ୍ୱିତ ହୋଇଛି । ବିମାନ ବନ୍ଦରକୁ ଆନ୍ତର୍ଜାତିକ ମାନ୍ୟତା ମିଳିଥିବାବେଳେ ଖୁବ୍‌ଶୀଘ୍ର ବିଦେଶକୁ ବିମାନ ଯାତ୍ରା କରିହେବ । ଇତିମଧ୍ୟରେ ଭୁବନେଶ୍ୱରରୁ ଜୟପୁର, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା ଆଦି ସହରକୁ ବିମାନ ଚଳାଚଳ କଲାଣି । ଶିକ୍ଷା କ୍ଷେତ୍ରରେ ବି ବୈପ୍ଳବିକ ପରିବର୍ତ୍ତନ ଦେଖାଦେଇଛି । ସମଗ୍ର ପୂର୍ବ ଭାରତରେ ଶିକ୍ଷାର ହବ୍ ପାଲଟିଛି ଭୁବନେଶ୍ୱର । ନାଇଜର, ଆଇଆଇଟି, ଏମ୍ସ ଭଳି ଜାତୀୟ ଅନୁଷ୍ଠାନ ସହ ବହୁ ପ୍ରତିଷ୍ଠିତ ଘରୋଇ ଶିକ୍ଷାନୁଷ୍ଠାନ ଆତ୍ମପ୍ରକାଶ କରିଛନ୍ତି । ବଦଳିଛି ଭୁବନେଶ୍ୱରବାସୀଙ୍କ ଜୀବନ ଶୈଳୀ । କ୍ରମଶଃ ପାଶ୍ଚାତ୍ୟ ପ୍ରଭାବ ଦେଖିବାକୁ ମିଳୁଛି । ଚାଳିଆ ରୂପମହଲ ସିନେମା ହଲ୍ ଏବେ ଅତୀତ । ଆଜି ଭୁବନେଶ୍ୱରରେ ଅତ୍ୟାଧୁନିକ ମଲ୍ଟିପ୍ଲେକ୍ସ ଆଇନକ୍ସରେ ସିନେମା ମଜା ଉଠାଉଛନ୍ତି ଯୁବପିଢ଼ୀ । ଜୟଦେବବିହାର, ରବୀନ୍ଦ୍ର ମଣ୍ଡପ, ଇଡିକଲ୍ ଅଡିଟୋରିୟମ, ଉତ୍କଳ ମଣ୍ଡପରେ ନିତି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭୁବନେଶ୍ୱରବାସୀଙ୍କୁ ଝୁମାଉଛି । ମନୋରଞ୍ଜନ ପାଇଁ ତାରକା ହୋଟେଲରେ ବି ରଙ୍ଗୀନ ଆସର ଜମୁଛି । ନାମୀଦାମୀ ହୋଟେଲଗୁଡ଼ିକରେ ଡିଜେ ନାଇଟ୍ସ ସହ ପୁଲ ପାର୍ଟି ବି ହୋଇଛି । ପାଶ୍ଚାତ୍ୟ ଖାଦ୍ୟର ଟ୍ରେଣ୍ଡ ବି ଆରମ୍ଭ ହୋଇଛି । କେଫ୍‌ସି ଫୁଡ୍ ଚେନ୍ ନେଟୱର୍କ ଭୁବନେଶ୍ୱରରେ ଶାଖା ଖୋଲିଛି । ଚିକିତ୍ସା କ୍ଷେତ୍ରରେ ବିଏମ୍‌ସି ହସ୍ପିଟାଲରୁ ଆରମ୍ଭ ହୋଇଥିବା ଅଭିଯାନ ଏବେ ଅନେକ ବାଟ ଆଗେଇଲାଣି । ଇତିମଧ୍ୟରେ କ୍ୟାପିଟାଲ ହସ୍ପିଟାଲରେ ବିଭିନ୍ନ ବିଭାଗ ଖୋଲିଛି । ସେହିପରି କଳିଙ୍ଗ, ଆପୋଲୋ, ସମ୍ ହସ୍ପିଟାଲ, ଆର୍ମି ହସ୍ପିଟାଲ, ଆଦିତ୍ୟ କେୟାର, ହାଇଟେକ୍, କିମ୍ସ, କର କ୍ଲିନିକ୍, ନୀଳାଚଳ ଭଳି ବହୁ ପ୍ରତିଷ୍ଠିତ ମେଡ଼ିକାଲ ଖୋଲିଛି । ମୌଳିକ ସୁବିଧା କ୍ଷେତ୍ରରେ ମଧ୍ୟ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଛି । ରାସ୍ତା ସଫେଇ ପାଇଁ ଝାଡୁ ସହ ମେସିନ୍ ବି ଚାଲିଲାଣି । ଘରୋଇ ସଂସ୍ଥା ଘର ଘର ବୁଲି ଆବର୍ଜନା ଉଠାଉଛନ୍ତି । ଅତ୍ୟାଧୁନିକ ଏଲଇଡି ଷ୍ଟ୍ରିଟ୍ ଲାଇଟରେ ସହର ଝଲସୁଛି । ମୌଳିକ ସୁବିଧା ଯୋଗାଇ ଦେବାର ଦାୟିତ୍ୱ ମୁଣ୍ଡାଇଥିବା ବିଏମ୍‌ସି କାର୍ଯ୍ୟାଳୟର ଚେହେରା ବି ବଦଳିଛି । ଏବେ ପୁଣି ୮ ମହଲା ବିଶିଷ୍ଟ ବିଏମ୍‌ସି ଅଫିସ ନିର୍ମାଣ ପାଇଁ ଯୋଜନା ଆଗେଇଲାଣି । ଗଲା ୬୬ବର୍ଷ ଭିତରେ ଭୁବନେଶ୍ୱର ଅନେକ ପରିବର୍ତ୍ତନ ଦେଖିଛି । ତେବେ ଭୁବନେଶ୍ୱର ଯେତିକି ବାଟ ଆଗେଇଛି, ସେହି ଅନୁପାତରେ କିଛି କିଛି ସମସ୍ୟା ବି ମୁଣ୍ଡ ଟେକିଛି । କ୍ଷୋଭର ସହ ଆମେ ଏଠାରେ କହିରଖୁ, ୬୦ ଦଶକର କୃଷ୍ଣଚୂଡ଼ାର ରାଜଧାନୀ ଆଉ ନାହିଁ । ରାସ୍ତା ତିଆରି ଆଳରେ ଏଡି ସବୁ ସଫା ହୋଇ ସାରିଲାଣି । ସେହିପରି ଆଇନ୍‌ଶୃଙ୍ଖଳା ପରିସ୍ଥିତି କ୍ରମଶଃ ଜଟିଳ ହେବାରେ ଲାଗିଛି । ସେଥିଲାଗି କମିଶନରେଟ ପୋଲିସ ବ୍ୟବସ୍ଥା ହେବାପରେ ମଧ୍ୟ ଅପରାଧ ସଂଖ୍ୟା ହ୍ରାସ ପାଉନାହିଁ । ବରଂ ଦିନକୁ ଦିନ ଏହା ବଢୁଛି ବୋଲି କୁହାଯାଇ ପାରେ । ସେହିପରି ରାଜଧାନୀ ଭୁବନେଶ୍ୱରକୁ ଆଦର୍ଶ ନଗରୀରେ ପରିଣତ କରିବାକୁ ହେଲେ ସର୍ବପ୍ରଥମେ ଏଠିକାର ବାସିନ୍ଦା ମାନଙ୍କୁ ଏଥିପାଇଁ ସଚେତନ ହେବାକୁ ପଡ଼ିବ । ସେହିପରି ମହାନଗର ନିଗମ ମଧ୍ୟ ସହରକୁ କିପରି ଆଦର୍ଶ ସହର କରିହେବ ସେଥିନେଇ ବ୍ଲୁପ୍ରିଂଟ ପ୍ରସ୍ତୁତ କରିବା ଦରକାର । ସହରାଂଚଳ ବିକାଶ ମନ୍ତ୍ରାଳୟ ମଧ୍ୟ ଏଥିନିମିତ ଦୃଷ୍ଟି ଦେବା ଉଚିତ । ବିଶେଷତଃ ଖୋର୍ଦ୍ଧା ଜିଲ୍ଲାପାଳ ଏବଂ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଓ ଉପ ଜିଲ୍ଲାପାଳଙ୍କ ସମେତ ପୋଲିସ କମିଶନର ଓ ଡିସିପି ସହରର ସର୍ବାଙ୍ଗୀନ ଉନ୍ନତି ଲାଗି ଉଦ୍ୟମ ଅବ୍ୟାହତ ରଖିଲେ ନିଶ୍ଚିତ ଭାବେ ଏହା ଦେଶର ଅନ୍ୟତମ ଆଦର୍ଶ ରାଜଧାନୀରେ ପରିଣତ ହୋଇପାରିବ ବୋଲି ଆମର ଆଶା ଓ ଦୃଢ଼ ବିଶ୍ୱାସ ।

*ବାକ୍ ଶ୍ରବଣ ବିଶେଷଜ୍ଞ,*
*କଟିକଟା, ମଙ୍ଗଳପୁର, ଯାଜପୁର*
*:୯୪୩୮୨୭୬୭୬୦*

# ରାଜଧାନୀର ପ୍ରତିଷ୍ଠା : ହରେକୃଷ୍ଣ ମହତାବଙ୍କ ଟ୍ରମ୍ପକାର୍ଡ଼

◆ ବିପିନ ବିହାରୀ ରାଉତ

ରାଜଧାନୀ ଭୁବନେଶ୍ୱରର ଅୟମାରମ୍ଭ ୧୯୪୮ ଏପ୍ରିଲ ୧୩ ତାରିଖ ଦିନ ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ଅବସରରେ ଆରମ୍ଭ ହୋଇଥିଲାବେଳେ ଇତିମଧ୍ୟରେ ୭୬ ବର୍ଷ ଅତିକ୍ରାନ୍ତ ହୋଇଛି । ମାତ୍ର ୪୦ ହଜାର ଜନସଂଖ୍ୟା ବିଶିଷ୍ଟ ରାଜଧାନୀ ପାଇଁ ପ୍ରସ୍ତୁତ ହୋଇଥିବା ମାଷ୍ଟରପ୍ଲାନର ଭୁବନେଶ୍ୱର ଏବେ ୧୨ଲକ୍ଷ ଲୋକଙ୍କ ଜୀବନ ଜୀବିକାର ଆବାସସ୍ଥଳୀ । ଏହା ଏବେ ମହାନଗରୀରେ ପରିଣତ ହୋଇଛି ଏବଂ ଏହାର କଳେବର ବିଭିନ୍ନ ପରିବର୍ତ୍ତନ ମଧ୍ୟ ଦେଇ ଗତି କରୁଛି । ସ୍ୱାଧିନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ରାଜଧାନୀର ଭିତିପ୍ରସ୍ତର ସ୍ଥାପନ ବେଳେ ଏହା ଏକ ଆଦର୍ଶ ନଗରୀରେ ପରିଣତ ହେବ ବୋଲି କହିଥିଲେ । ସମୟ ଗଡ଼ି ଚାଲିବା ସହିତ ଭୁବନେଶ୍ୱର ଏନଏସିର ରୂପ ବଦଳି ଏହା ମ୍ୟୁନିସିପାଲଟି ଓ ପରେ ମହାନଗର ନିଗମରେ ପରିଣତ ହୋଇଛି । ୭୬ ବର୍ଷରେ ରାଜଧାନୀ ଭୁବନେଶ୍ୱର ପଦାର୍ପଣ କରିଥିଲା ବେଳେ ଏହି ଅବସରରେ ରାଜଧାନୀର ନକ୍ସାରେ ବ୍ୟାପକ ପରିବର୍ତ୍ତନ ଘଟିଛି । ବହୁ ସଫଳତା ଓ ବିଫଳତା ମଧ୍ୟ ଦେଇ ଏହି ସହର ଆଗକୁ ମାଡ଼ି ଚାଲିଛି କହିଲେ ଅତ୍ୟୁକ୍ତି ହେବନାହିଁ । ରାଜ୍ୟ ସରକାର ୧୯୮୨ରେ ବିଡ଼ିଏ ଗଠନ କରିଥିଲେ । ଇତିମଧ୍ୟରେ ଓଡ଼ିଶାର ପ୍ରଥମ ସହର ଭାବରେ ଭୁବନେଶ୍ୱରରେ ପିପି ସ୍କିମ କାର୍ଯ୍ୟକାରୀ ହେଉଛି । ଭୁବନେଶ୍ୱର ଉପକଣ୍ଠରେ ମୋଟ ୫୮ଟି ରାଜସ୍ୱ ଗ୍ରାମରେ ୪୫ ଟାଉନ ପ୍ଲାନିଂ ସ୍କିମ କରି ଏହାକୁ ସହରୀକରଣ ଢାଂଚାରେ ପରିଣତ କରିବା ପାଇଁ ଲକ୍ଷ୍ୟ ରହିଛି । ଭୁବନେଶ୍ୱର ମହାନଗର ନିଗମର ସବୁଠାରୁ ବଡ଼ ଶପଥ ଥିଲା ଦେଶର ଏକ ନମ୍ବର ସ୍ମାର୍ଟ ସିଟି ମାନ୍ୟତା ଏହାପାଇଁ ବିଏମ୍‌ସି ସବୁଆଡୁ ପ୍ରଶଂସା ମଧ୍ୟ ପାଇଛି । ଭୁବନେଶ୍ୱର ସ୍ମାର୍ଟ ସିଟିକୁ ସିଟିଜ୍ ଆୱାର୍ଡ଼ ମିଳିଛି । ମନ୍ଦିରମାଳିନୀ ସହର ଦେଶର ଏକ ନମ୍ବର ସ୍ମାର୍ଟ ସିଟିରେ ପରିଣତ ହୋଇଛି । ୧୯୪୮ ମସିହାରୁ ବିଜ୍ଞପିତ ଅଂଚଳ ପରିଷଦରୁ ଯାତ୍ରା ଆରମ୍ଭ କରି ୧୯୭୯ ମୁନ୍‌ସିପାଲଟି ମାନ୍ୟତା ପାଇଥିଲା । ପରେ ୧୯୯୪ରେ ମିଳିଥିଲା ମହାନଗର ନିଗମ ଟ୍ୟାଗ । ୧୯୪୮ ମସିହା ଅପ୍ରେଲ ୧୩ରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଭୁବନେଶ୍ୱରରେ ରାଜ୍ୟର ନୂଆ ରାଜଧାନୀର ଭିତିପ୍ରସ୍ଥର ସ୍ଥାପନା କରିଥିଲେ । ଜର୍ମାନ ଆର୍କିଟେକ୍ଟ ଋଓଟୋ କୋନିଙ୍ଗବର୍ଜର ମୁଖ୍ୟ ବିନ୍ଧାଣୀ ସାଜି ଭୁବନେଶ୍ୱରର ଡିଜାଇନ୍ ପ୍ରସ୍ତୁତ କରିଥିଲେ । ସେତେବେଳେ ଭୁବନେଶ୍ୱରର ଜନସଂଖ୍ୟା ଥିଲା ମାତ୍ର ୨୦ ହଜାର । ତେବେ ୨୦୧୧ ଜନଗଣନା ଅନୁଯାୟୀ ଭୁବନେଶ୍ୱରର ଜନସଂଖ୍ୟା ବୃଦ୍ଧି ପାଇ ୮ଲକ୍ଷ ୪୦ ହଜାର ୬୪୩ ପହଂଚିଥିଲା । ମାତ୍ର ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରର ଜନସଂଖ୍ୟା ପାଖାପାଖି ୧୫ ଲକ୍ଷ ଟପିଥିବା ଅନୁମାନ କରାଯାଉଛି । ନୂଆ ରାଜଧାନୀ ପ୍ରତିଷ୍ଠା ପାଇଁ ଦୁଇକୋଟି ଟଙ୍କା ଦରକାର ପଡ଼ିଥିଲା । ସେତେବେଳର ମୁଖ୍ୟମନ୍ତ୍ରୀ ଡକ୍ଟର ମହତାବଙ୍କ ପାଇଁ ଏହାଥିଲା ବହୁତ ବଡ଼ ସମସ୍ୟାର କଥା । ଏହି ସମୟରେ କେନ୍ଦ୍ରର ତତ୍କାଳୀନ ଅର୍ଥ ବିଭାଗ ମୁଖ୍ୟ ଥିଲେ ଲିୟାକତ୍ ଅଲ୍ଲୀ ସେ ଥିଲେ ମୁସଲିମ ଲିଗର ରାଜନେତା । ତାଙ୍କୁ ଯେତେବେଳେ ମହତାବ ଭେଟି ଅର୍ଥ ମଞ୍ଜୁର ପାଇଁ ସହାୟତା ମାଗିଲେ ସେ ସିଧା ମନା କରିଦେଲେ । ତେବେ ରାଜନୀତିରେ ବେଶ ଚତୁର ଚାଣକ୍ୟ ଡକ୍ଟର ମହତାବ ତାଙ୍କର ଟ୍ରମ୍ପ କାର୍ଡ଼ ଖେଳିଥିଲେ । ସେ କହିଥିଲେ ଓଡ଼ିଶା ଏକ ହିନ୍ଦୁ ପ୍ରଦେଶ । ଜଣେ ମୁସଲମାନ ନେତାଙ୍କ ଦ୍ୱାରା ଏହା ଅବହେଳିତ ହେଉଛି ବୋଲି ଭାବନା ଯଦି ଜନସମାଜକୁ ଯିବ ଏହା ଆଦୌ ଗ୍ରହଣୀୟ ହେବନାହିଁ । ତତ୍କାଳ ଅର୍ଥମନ୍ତ୍ରୀ ଲିୟାକତ୍ ଅର୍ଥ ମଞ୍ଜୁର କଲେ । ସ୍ୱାଧୀନ ଭାରତରେ ଭୁବନେଶ୍ୱର ହିଁ ଏକମାତ୍ର ରାଜ୍ୟ ଯାହାକୁ ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ଅର୍ଥ ମଞ୍ଜୁର କରିଥିଲେ । ଅନ୍ୟ ସମସ୍ତ ରାଜ୍ୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ନିକଟରୁ ଧାର ସୂତ୍ରରେ ଅର୍ଥ ଆଣି ପରେ ଶୁଝିଛନ୍ତି । ୧୯୪୩ ମସିହା କଟକ ରେଭେନ୍ସା କଲେଜ କ୍ୟାମ୍ପସରେ ଉତ୍କଳ ବିଶ୍ୱବିଦ୍ୟାଳୟ ଆରମ୍ଭ ହୋଇଥିବାବେଳେ ପରେ ଏହା ଭୁବନେଶ୍ୱରକୁ ଉଠି ଆସିଥିଲା । ୧୯୫୮ ମସିହା ଜାନୁଆରୀ ୧ ତାରିଖରେ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଉତ୍କଳ ବିଶ୍ୱବିଦ୍ୟାଳୟର ନୂତନ କ୍ୟାମ୍ପସ ଶିଳାନ୍ୟାସ କଲେ । ୧୯୬୩ ଜାନୁଆରୀ ୨ ତାରିଖରେ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରୀଷ୍ଣନ୍ ଏହାର ଉଦ୍‌ଘାଟନ କରିଥିଲେ । ନୂଆ ରାଜଧାନୀ ହେବାପରେ ଭୁବନେଶ୍ୱରରେ ବିଧାନସଭା ଚାଲିଲା ଯାହାକି ପୂର୍ବରୁ କଟକ ରେଭେନ୍ସା କଲେଜର ଆସେମ୍ବ୍ଲିହଲରେ ବିଧାନସଭା ଚାଲିଥିଲା । ପ୍ରଥମେ ୟୁନିଟ-୨ ଅଂଚଳରେ ବିଧାନ ସୌଧ ନିର୍ମାଣ ହେଲା । ସେଠାରେ କିଛିଦିନ ବିଧାନ ସଭା ଚାଲିବା ପରେ ନୂଆ ବିଧାନ ସଭା ବିଲଡିଂ ନିର୍ମାଣ ହେଲା । ୧୬.୪୮ ବର୍ଗକିଲୋମିଟର ଅଂଚଳ ଓ ୨୦ ହଜାର ଜନସଂଖ୍ୟାଙ୍କୁ ନେଇ ଗୃହନିର୍ମାଣ ଓ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡକ୍ଟର ଓଟୋ.ଏଚ୍.କନସିବର୍ଗ ରାଜଧାନୀର ପରିକଳ୍ପନା କରିଥିଲେ । କଳ୍ପନା ଛକରୁ ରାଜଭବନ ଓ ଶିଶୁଭବନରୁ ସତ୍ୟନଗର ଯାଏ ସୀମିତ ଥିଲା ରାଜଧାନୀର ସରହଦ୍ । ସ୍ୱାଧୀନ ଭାରତର ପ୍ରଥମ ଯୋଜନାବଦ୍ଧ ସହ ଥିଲା ଭୁବନେଶ୍ୱର । ଯଦିଓ ଏହି ତାଲିକାରେ ଜାମସେଦପୁର ଓ ଚଣ୍ଡୀଗଡ଼ ବି ଥିଲା ହେଲେ ଭୁବନେଶ୍ୱର ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା । ପୂର୍ବ ଯୋଜନା ମୁତାବକ ମହତାବ ଟ୍ରେନ୍‌ରେ ବୁଦ୍ଧେଧଶ୍ୱରୀ ଷ୍ଟେସନ ଆସିଲେ । ଆଉ ସେଇଠୁ ଗୋକୁଳାନନ୍ଦ ଜେନାଙ୍କ ଶଗଡ଼ ଗାଡ଼ିରେ ବଡ଼ଗଡ଼ ସ୍ଥିତ ପତିତପାବନ ଦିଅଁଙ୍କ ପାଖରେ ପହଂଚିଲେ । ଯେଉଁଠି ପୂର୍ବରୁ ଭୁବନେଶ୍ୱରବାସୀଙ୍କ ସମେତ ଭିଙ୍ଗାରପୁର ଜମିଦାର ଚୌଧୁରୀ ନୀଳକଣ୍ଠ ଦାସ, ଚୌଧୁରୀ ଗଙ୍ଗାଧର ଦାସ, ବାଲିଅନ୍ତାର ଗାନ୍ଧୀ କୁହାଯାଉଥିବା ଦାଶରଥି ମହାନ୍ତି, ମହାଦେବ ମହାନ୍ତି, ଜୟକୃଷ୍ଣ ସାହୁ, ବଡ଼ଗଡ଼ର ସୁରେନ୍ଦ୍ର ସୁନ୍ଦରାୟ ଉପସ୍ଥିତ ଥିଲେ । ମହତାବ ସମସ୍ତ ସଭାଜନଙ୍କୁ ଆହ୍ୱାନ ଦେଇ ଭୁବନେଶ୍ୱରରେ ରାଜଧାନୀ ପ୍ରତିଷ୍ଠା କରିବାର ପ୍ରସ୍ତାବ ଦେଲେ । ଆଉ ସମର୍ଥନ କରିବାକୁ ନିବେଦନ କଲେ । ପତିତପାବନଙ୍କ ପାଖରେ ସାକ୍ଷୀ ରଖି ପୁରା ରାଜଧାନୀବାସୀ ମହତାବଙ୍କ ପଛରେ ଅଛୁ ବୋଲି ନାରା ଦେଇଥିଲେ । ପରେ ଅରୁଆ ଡାଲମା, ଖଟା ଖାଇ ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା ହେବାର ମୂଳଦୁଆ ପଡ଼ିଲା । ଆସନ୍ତୁ ନୂଆ ରାଜଧାନୀ ଗଠନରେ ଆମେ ସମସ୍ତେ ସବୁ ଭେଦଭାବ ଭୁଲି ସହାୟତା ଓ ସହଯୋଗର ହାତ ବଢ଼ାଇବା । କଟକର କଳେବରକୁ ଲୋକସଂଖ୍ୟା ନ ସୁହାଇବାରୁ ମହତାବ ନୂଆ ରାଜଧାନୀ ପାଇଁ ଚିନ୍ତା କଲେ । ଜମି ପାଇଁ ଟଙ୍କା ନ ଦେବାକୁ ପଡ଼ିବ ବୋଲି ଭୁବନେଶ୍ୱରକୁ ହିଁ ତାଲିକାରେ ସବୁଠୁ ଆଗରେ ରଖାଗଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆମେରିକା ସୈନିକ ଭୁବନେଶ୍ୱରକୁ ଗୁରୁତ୍ୱ ଦେଇଥିବାରୁ ଏଠାରେ ଏୟାର ଷ୍ଟ୍ରିପ୍ ନିର୍ମାଣ ହୋଇ ସାରିଥିଲା ଓ ଟ୍ରେନ ଚଳାଚଳର ସୁବିଧା ଥିଲା ଯାହାପାଇଁ ପଡ଼ୋଶୀ ରାଜ୍ୟ ପାଇଁ ଯୋଗାଗଯୋଗର ସୁବିଧା ବଡ଼ ଯୁକ୍ତି ରଖିଥିଲା । ଏହା ବ୍ୟତୀତ ଖୋର୍ଦ୍ଧା ଜିଲ୍ଲା ବୀର ପାଇକଙ୍କ ଗଡ଼ କୁହାଯାଉଥିଲା । ତେଣୁ ସବୁ ଦୃଷ୍ଟିରୁ ଭୁବନେଶ୍ୱର ହିଁ ରାଜଧାନୀ ପ୍ରତିଷ୍ଠା ପାଇଁ ଆଗରେ ରହିଥିଲା । ଏହାଭିତରେ ବଦଳିଛି ଭୂଗୋଳ, ଜଳବାୟୁ ଆଉ ଲୋକଙ୍କ ଜୀବନଶୈଳୀ । ରାଜ୍ୟ ଭିତରୁ ନୁହେଁ ବାହାର ରାଜ୍ୟରୁ ବି ଲୋକେ ଆସି ଏଠି ବସା ବାନ୍ଧିଛନ୍ତି । ସହଜ ସ୍ୱାସ୍ଥ୍ୟସେବା, ଶିକ୍ଷା, ଗମନା ଗମନ ବ୍ୟବସ୍ଥାର ସହଜଲଭ୍ୟତା ଆଦି ଲୋକଙ୍କୁ ରାଜଧାନୀ ମୁହାଁ କରିଛି । ରାଜଧାନୀର ପ୍ରତିଷ୍ଠା ଦିବସ ପାଇଁ ସମଗ୍ର ଓଡ଼ିଶାବାସୀଙ୍କ ତରଫରୁ ରାଜଧାନୀ ବାସିନ୍ଦା ମାନଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଉଛି ।

*ଶ୍ରୀବିହାର କଲୋନୀ,*
*ତୁଳସୀପୁର, କଟକ*

# ରାଜଧାନୀକୁ ଜିଲ୍ଲାର ମାନ୍ୟତା କେବେ ?

ସୁବାସ କୁମାର ତାରଣିଆଁ

ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ୧୯୪୮ ମସିହା ଏପ୍ରିଲ ୧୪ ତାରିଖରେ ଭୁବନେଶ୍ୱରରେ ରାଜଧାନୀ ପ୍ରତିଷ୍ଠା ଦିବସର ଶିଳାନ୍ୟାସ ସ୍ଥାପନ କରିଥିଲେ । ଇତିମଧ୍ୟରେ ମନ୍ଦିରମାଳିନୀ ଭୁବନେଶ୍ୱର ଓଡ଼ିଶାର ରାଜଧାନୀ ପ୍ରତିଷ୍ଠା ଦିବସ ୭୭ ବର୍ଷରେ ପଦାର୍ପଣ କରିଛି । ଭୁବନେଶ୍ୱରରେ ରାଜଧାନୀ ପ୍ରତିଷ୍ଠା ପୂର୍ବରୁ ଐତିହାସିକ ସହର ତଥା ଓଡ଼ିଶାର ସର୍ବ ପୁରାତନ ସହର କଟକ ଥିଲା ଓଡ଼ିଶାର ରାଜଧାନୀ । କିନ୍ତୁ କଟକର ସହରର ଦୁଇପାର୍ଶ୍ୱ ଦେଇ ମହାନଦୀ ଓ କାଠଯୋଡ଼ି ନଦୀ ପ୍ରବାହିତ ହେବା ତଥା ଅନ୍ୟାନ୍ୟ କାରଣ ଦୃଷ୍ଟିରୁ କଟକ ସହର ରାଜଧାନୀ ପାଇଁ ସୁରକ୍ଷିତ ନୁହେଁ ବୋଲି ମନେ ହୋଇଥିଲା । ପରବର୍ତୀ ସମୟରେ ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେବା ପରେ ଭୁବନେଶ୍ୱରରେ ନୂତନ ରାଜଧାନୀ ପ୍ରତିଷ୍ଠା ହେବା ପାଇଁ ତତ୍ପରତା ପ୍ରକାଶ ପାଇଥିଲା । ଏଥିପାଇଁ ଏକ କମିଟି ମଧ୍ୟ ଗଠନ କରାଯାଇଥିଲା । ଉକ୍ତ କମିଟି ପ୍ରଥମେ ବ୍ରହ୍ମପୁର ଓ ଗୋପାଳପୁର ମଧ୍ୟଭାଗରେ ଥିବା ରଙ୍ଗେଇଲୁଣ୍ଡାକୁ ଓଡ଼ିଶାର ରାଜଧାନୀ ସ୍ଥାପନ ନିମନ୍ତେ ଉପଯୁକ୍ତ ସ୍ଥାନ ଭାବେ ପରିକଳ୍ପନା କରିଥିଲେ । ମାତ୍ର ଉକ୍ତ କମିଟି ରଙ୍ଗେଇଲୁଣ୍ଡା ସମ୍ପର୍କରେ ସବିଶେଷ ବିଚାର ବିମର୍ଷ ପରେ ୧୯୩୭ ମସିହାରେ ଅନ୍ୟ ଏକ କମିଟି ଓ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇ ରାଜଧାନୀ ପ୍ରତିଷ୍ଠା ପାଇଁ ଅନୁଧ୍ୟାନ କରାଯାଇଥିଲା । ମାତ୍ର ଏହି ନୂତନ କମିଟି ରଙ୍ଗେଇଲୁଣ୍ଡାର ପାରିପାର୍ଶ୍ୱିକ ପରିସ୍ଥିତିକୁ ତର୍ଜମା କରି ଏଠାରେ ରାଜଧାନୀ ସ୍ଥାପନକୁ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରି ଦେଇଥିଲେ । ଏହାପରେ ସରକାର ପୁଣି ସ୍ଥାନ ନିରୂପଣ ପାଇଁ ଆଉ କମିଟି ଗଠନ କରିଥିଲେ ଏବଂ ଏହି କମିଟିର ପ୍ରସ୍ତାବରେ ଅନେକ ବାଧା ଓ ପ୍ରତିବନ୍ଧକ ଦେଖାଯିବାରୁ ତାକୁ ମଧ୍ୟ ବାତିଲ୍ କରିବାକୁ ପଡ଼ିଥିଲା । ସେହି ସମୟ ମଧ୍ୟରେ କଟକ ଜିଲ୍ଲାର ବାରଙ୍ଗ, ଚୌଦ୍ୱାର ସମେତ ଅନୁଗୁଳ ଓ ଖୋର୍ଦ୍ଧାରେ ରାଜ୍ୟର ନୂତନ ରାଜଧାନୀ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ପାରିତ ହୋଇଥିଲେ ମଧ ତାହା ସଫଳ ହୋଇପାରି ନଥିଲା । ପରବର୍ତୀ ଭୁବନେଶ୍ୱରର ପ୍ରାକୃତିକ ପରିବେଶ, ଐତିହାସିକ କୀର୍ତିରାଜି, କଳାସ୍ଥାପତ୍ୟ, ଉନ୍ନତମାନର ସ୍ୱାସ୍ଥ୍ୟସେବା ସର୍ବୋପରି ଗମନା ଗମନର ସୁବିଧା ଓ ପର୍ଯ୍ୟଟନସ୍ଥଳୀ ଦୃଷ୍ଟିରୁ ରାଜଧାନୀ ପ୍ରତିଷ୍ଠା ପାଇଁ ଭୁବନେଶ୍ୱର ହିଁ ଉପଯୁକ୍ତ ସହର ବୋଲି ଗଠିତ କମିଟି ଦ୍ୱାରା ଚୟନ କରାଯାଇଥିଲା । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ୧୯୪୮ ମସିହା ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ଭୁବନେଶ୍ୱର ଆସି ନୂତନ ରାଜଧାନୀ ପ୍ରତିଷ୍ଠା ଶିଳାନ୍ୟାସର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ରାଜଧାନୀ ପ୍ରତିଷ୍ଠା ପୂର୍ବରୁ ସେ ସମୟରେ ଭୁବନେଶ୍ୱର ଲୋକସଂଖ୍ୟା ଥିଲା କେବଳ ୧୭ ହଜାର । ୨୦୨୧ ସୁଦ୍ଧା ଭୁବନେଶ୍ୱର ଲୋକ ସଂଖ୍ୟା ୧୧ ଲକ୍ଷ ୯୪ ହଜାରରେ ପହଂଚିଥିଲା ବେଳେ ୨୦୨୨ ମସିହାରେ ୧୨ ଲକ୍ଷ ୨୬ ହଜାର, ୨୦୨୩ରେ ୧୨ ଲକ୍ଷ ୫୮ ହଜାର, ୨୦୨୪ରେ ୧୨ ଲକ୍ଷ ୮୯ ହଜାରରେ ପହଂଚିଛି । ଏହି ପରିସଂଖ୍ୟାନକୁ ତର୍ଜମା କଲେ ପ୍ରତିବର୍ଷ ଭୁବନେଶ୍ୱରରେ ଲୋକସଂଖ୍ୟା ବୃଦ୍ଧି ପାଉଛି ବୋଲି ଧରିନେବାକୁ ହେବ । ରାଜଧାନୀ ପ୍ରତିଷ୍ଠା ପୂର୍ବରୁ ଯଦି ଭୁବନେଶ୍ୱର କଥା ଆଲୋଚନା କରିବା, ତେବେ ସେତେବେଳେ ଭୁବେନଶ୍ୱରର ରାସ୍ତାଘାଟ ଏତେ ଉନ୍ନତମାନର ନଥିଲା । ଭୁବନେଶ୍ୱରରୁ କଟକ ଯିବା ପାଇଁ ଏକଥାକିଆ ଅଣଓସାରିଆ ରାସ୍ତା ଥିଲା । ଫଳରେ ଭୁବନେଶ୍ୱରରୁ କଟକ ଯିବା ଆସିବା କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ରାସ୍ତା ପ୍ରଶସ୍ତ ନଥିବାରୁ ଯାତ୍ରୀମାନଙ୍କୁ ରାସ୍ତାରେ ଘଂଟା ଘଂଟା ଧରି ଅପେକ୍ଷା କରିବାକୁ ପଡୁଥିଲା । କିନ୍ତୁ ବର୍ତମାନ ସେ ଅସୁବିଧା ଦୂର ହୋଇଯାଇଛି । ଭୁବନେଶ୍ୱରର ରାସ୍ତାଘାଟ, ପରିବେଶ, ପରିଚ୍ଛନ୍ନତା ଓ ସହରର ସୌନ୍ଦର୍ଯ୍ୟକରଣ ଦୃତଗତିରେ ବୃଦ୍ଧି ପାଉଛି । ଯାହାକୁ ନେଇ ଭୁବନେଶ୍ୱରକୁ 'ସ୍ମାର୍ଟ ସହରର'ର ମାନ୍ୟତା ମିଳିଛି । ଭୁବନେଶ୍ୱରକୁ ସ୍ମାର୍ଟ ସହର ମାନ୍ୟତା ମିଳିବା ପରେ ଏହି ସହର ଜାତୀୟସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ବର୍ତମାନ ବିଏମ୍‌ସି ଓ ବିଡ଼ିଏ ଭଳି ଦୁଇଟି ସଂସ୍ଥା ରାଜଧାନୀର ସର୍ବାଙ୍ଗୀନ ବିକାଶ ଓ ସୌନ୍ଦର୍ଯ୍ୟକରଣ ପ୍ରତି ଦୃଷ୍ଟି ରଖିଥିବା ବେଳେ ଏହାର ସମସ୍ୟା କିନ୍ତୁ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ରାଜଧାନୀ ସ୍ଥାପନ ପୂର୍ବରୁ ଏଠାରେ ପ୍ରବାହିତ ହେଉଥିବା ୧୦/୧୧ଟି ପ୍ରାକୃତିକ ଝରଣାକୁ ଅଟକାଇ ଜୋରଜବରଦସ୍ତ ସେଠାରେ ଘରବାଡ଼ି ନିର୍ମାଣ କରାଯାଇ ଥିବାରୁ ସହରରେ ଜଳ ନିଷ୍କାସନ ସବୁଠାରୁ ବଡ଼ ସମସ୍ୟା ରୂପେ ମୁଣ୍ଡଟେକିଛି । ସହରର ଜଳ ନିଷ୍କାସନର ସମସ୍ତ ପଥ ଆଜି ଅବରୁଦ୍ଧ । ଦେଶର ପ୍ରାୟ ସମସ୍ତ ରାଜ୍ୟର ରାଜଧାନୀ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ହାସଲ କରିଥିବା ବେଳେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଆଜି ମଧ୍ୟ ଏହି ସୁବିଧାରୁ ବଂଚିତ ହୋଇଛି । ଅତୀତରେ ଦୀର୍ଘବର୍ଷ ଧରି ଏହା ଅବିଭକ୍ତ ପୁରୀ ଜିଲ୍ଲାର ଅନ୍ତର୍ଭୁକ୍ତ ହୋଇଥିବା ସ୍ଥଳେ ବିଗତ ଶତାବ୍ଦୀର ନବମ ଦଶକରୁ ଖୋର୍ଦ୍ଧା ଜିଲ୍ଲାର ଏକ ଅ□ଳରେ ପରିଣତ ହୋଇଛି । ରାଜଧାନୀର ଗୁରୁତ୍ୱ ଏବଂ ଐତିହ୍ୟକୁ ଦୃଷ୍ଟିରେ ରଖି ଏହାକୁ ଖୁବ୍ ଶୀଘ୍ର ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପ୍ରଦାନ କରାଗଲେ ୭୭ ବର୍ଷ ପୂର୍ତି ଅବସରରେ ରାଜ୍ୟକୁ ଗୋଟିଏ ବଡ଼ ସଫଳତା ମିଳିପାରିବ । ସେ ସମୟର ସ୍ୱଳ୍ପ ଲୋକସଂଖ୍ୟା ଦୃଷ୍ଟିରୁ ଭୁବନେଶ୍ୱର ଏକ ଛୋଟ ଏନ୍‌ଏସି ଜରିଆରେ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିଲା । ସମୟକ୍ରମେ ଭୁବନେଶ୍ୱରର ଲୋକସଂଖ୍ୟା ଦୃଷ୍ଟିରୁ ଭୁବନେଶ୍ୱରକୁ ମ୍ୟୁନିସିପାଲିଟିରେ ପରିଣତ କରାଯାଇଥିଲା ଓ ୩୦ଜଣ କାଉନସିଲରଙ୍କୁ ନେଇ ମ୍ୟୁନିସିପାଲିଟି କାର୍ଯ୍ୟ କରୁଥିଲା । ମାତ୍ର ରାଜଧାନୀ ପ୍ରତିଷ୍ଠା ପରେ ଭୁବନେଶ୍ୱରର ବିକାଶ ଓ ଅଭିବୃଦ୍ଧି ଦୃତଗତିରେ ବୃଦ୍ଧି ପାଇଥିଲା ଏବଂ କିଛି ବର୍ଷପରେ ଭୁବନେଶ୍ୱର ମହାନଗର ନିଗମ ପରିସରକୁ ଆସିଲା । ୬୭ କର୍ପୋରେଟ ଓ ଜଣେ ମେୟରଙ୍କୁ ନେଇ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟକାରୀ ହୋଇ ସହରର ବିକାଶ, ସୌନ୍ଦର୍ଯ୍ୟକରଣ ଓ ପରିବେଶ ଦିଗରେ କାର୍ଯ୍ୟ କରିଚାଲିଛି । ରାଜଧାନୀ ପ୍ରତିଷ୍ଠା ପରେ ଏବେ ଏହି ସହରରେ ବିଧାନସଭା, ସଚିବାଳୟ, ମୁଖ୍ୟ ଡ଼ାକଘର, ରିଜର୍ଭ ବ୍ୟାଙ୍କ, ପୋଲିସ୍ କମିଶନରେଟ କାର୍ଯ୍ୟାଳୟ, ବାଣୀବିହାର, ବିଭାଗୀୟ ମୁଖ୍ୟ ଦପ୍ତର, ବିଧାୟକ ଓ ମନ୍ତ୍ରୀମାନଙ୍କ ସରକାରୀ ବାସଭବନ ପ୍ରତିଷ୍ଠା ହେବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ଅଫିସ୍ ସମେତ ଅନେକ ସରକାରୀ ବେସରକାରୀ ସଂସ୍ଥା ଗଢିଉଠିଛି । ବିଏମ୍‌ସି ଓ ବିଡ଼ିଏ ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ରାଜଧାନୀ ଭୁବନେଶ୍ୱରର ପରିବେଶ, ପରିମଳ, ସର୍ବାଙ୍ଗୀନ ବିକାଶ ଓ ସୌନ୍ଦର୍ଯ୍ୟକରଣ ପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ କରୁଥିଲେ ମଧ୍ୟ ଦିନକୁ ଦିନ ରାଜଧାନୀ ବହୁ ସମସ୍ୟା ଦେଇ ଗତି କରୁଛି । ଦେଶ ସ୍ୱାଧୀନ ହେବା ପରେ ତତ୍କାଳନୀ ମୁଖ୍ୟମନ୍ତ୍ରୀ ତଥା ରାଜଧାନୀ ନିର୍ମାତା ଡଃ ହରେକୃଷ୍ଣ ମହତାବ ୧୯୪୭ ମସିହା ନଭେମ୍ବର ୧୪ ତାରିଖରେ ପ୍ରଥମ ନିଳଗିରି ଗଡ଼ଜାତ ମିଶ୍ରଣ, ଡିସେମ୍ବର ୧୪ରେ ୨୪ଟି ଗଡ଼ଜାତ ମିଶ୍ରଣ ଓ ୧୯୪୮ ମସିହା ଜାନୁୟାରୀ ୧ରେ ମୟୁରଭଞ୍ଜ ଗଡ଼ଜାତ ମିଶ୍ରଣ ଏହିପରି ମୋଟ ୨୬ଟି ଗଡ଼ଜାତ ମିଶ୍ରଣ କରି ୧୩ଟି ଜିଲ୍ଲା ଗଠନ କରିଥିଲେ । ଓଡ଼ିଶାରେ ୧୩ଟି ଜିଲ୍ଲା ଗଠନର ୪୫ ବର୍ଷ ପୂର୍ତି ପରେ, ୧୯୯୩ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶାସନ କାଳରେ ୧୩ଟି ଜିଲ୍ଲାର ଭୌଗୋଳିକ ଦୃଷ୍ଟିରେ ରଖି ତଥା ଓଡ଼ିଶାରେ ଜନସଂଖ୍ୟା ବୃଦ୍ଧି, ଓଡ଼ିଶାର ସ୍ୱାଭିମାନ ଦୃଷ୍ଟିରୁ ଓଡ଼ିଶାରେ ୧୩ରୁ ୩୦ଟି ଜିଲ୍ଲାରେ ପରିଣତ କରିଥିଲେ । ଯାହା ଆଜି ପର୍ଯ୍ୟନ୍ତି ବଳବ□ର ରହିଛି । ବର୍ତମାନ ଭୁବନେଶ୍ୱରର ଲୋକଂସଖ୍ୟା ୧୨ଲକ୍ଷ ୬୦ ହଜାରରୁ ଉର୍ଦ୍ଧ୍ୱ ଥିଲେ ମଧ ଓଡ଼ିଶାର ୧୨ଜିଲ୍ଲା ଯଥା ଗଜପତି, ଦେବଗଡ଼, ବୌଦ୍ଧ, ଜଗତସିଂହପୁର, ସୁବର୍ଣ୍ଣପୁର, ନୟାଗଡ଼, କନ୍ଧମାଳ, ନୂଆପଡ଼ା, ଝାରସୁଗୁଡ଼ା, ମାଲକାନଗିରି , ସମ୍ବଲପୁର, ରାୟଗଡ଼ା ଆଦି ଜିଲ୍ଲାମାନଙ୍କ ଲୋକସଂଖ୍ୟା ଭୁବନେଶ୍ୱର ଲୋକସଂଖ୍ୟା ଠାରୁ କମ୍ ଥାଇ ଜିଲ୍ଲାର ମାନ୍ୟତା ପାଇଥିବା ବେଳେ ୭୭ ବର୍ଷରେ ପଦାର୍ପଣ କରିଥିବା ଏବଂ ଜନସଂଖ୍ୟା ଦୃଷ୍ଟିରୁ ଭୁବନେଶ୍ୱରକୁ ରାଜଧାନୀର ମାନ୍ୟତା ନ ମିଳିବା ରାଜଧାନୀବାସୀଙ୍କ ମନରେ ଗଭୀର ଆଘାତ ଦେଇଛି । ଯାହାକୁ ନେଇ କିଛି ସ୍ୱେଚ୍ଛାସେବୀ ସଂଗଠନ, ଚିନ୍ତନଶୀଳ ବ୍ୟକ୍ତି, ବୁଦ୍ଧିଜୀବୀ, ସ୍ୱାମିମାନ ବ୍ୟକ୍ତି ଓ ବରିଷ୍ଠ ନାଗରିକମାନେ ରାଜଧାନୀ ଭୁବନେଶ୍ୱରକୁ ଜିଲ୍ଲାର ମାନ୍ୟତା ପ୍ରଦାନ ପାଇଁ ସ୍ୱର ଉତୋଳନ କରି ଆସୁଥିଲେ ମଧ୍ୟ ତାହା ବାସ୍ତବରେ ପରିଣତ ହୋଇପାରି ନାହିଁ । ସ୍ୱାଧୀନତାପ୍ରାପ୍ତି ପରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଏବଂ ଅବିଭକ୍ତ ପଞ୍ଜାବର ରାଜଧାନୀ ଚଣ୍ଡୀଗଡ଼କୁ ଦୁଇଟି ଯୋଜନାବଦ୍ଧ ସହରରେ ଗଢି ତୋଳିବା ପାଇଁ ଭିତିପ୍ରସ୍ତର ସ୍ଥାପିତ ହୋଇଥିଲା । କିନ୍ତୁ ଆଜି ଚଣ୍ଡୀଗଡ଼ ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ତଥା ବିକଶିତ ସହର ରୂପେ ମୁଣ୍ଡ ଟେକି ଥିବାବେଳେ ୭୭ ବର୍ଷ ପରେ ଭୁବନେଶ୍ୱରର ସ୍ଥାନ ଯେଉଁଠି ଥିଲା, ସେଇଠି ! ରାଜଧାନୀର ଦୃତ ଭିତିଭୂମି, ବିକାଶ, ପରିବେଶ ପରିମଳ, ପର୍ଯ୍ୟଟନସ୍ଥଳୀ ଓ ଐତିହ୍ୟ ଏବଂ ସର୍ବୋପରି ଜନସଂଖ୍ୟାକୁ ଦୃଷ୍ଟିରେ ରଖି ରାଜଧାନୀ ପ୍ରତିଷ୍ଠାର ୭୭ ବର୍ଷ ପୂର୍ତି ଅବସରରେ ଭୁବନେଶ୍ୱରକୁ ଜିଲ୍ଲାର ମାନ୍ୟତା ପ୍ରଦାନ କରାଗଲେ ତାହା ହିଁ ହେବ ଭୁବନେଶ୍ୱରବାସୀଙ୍କ ପ୍ରତି ଏକ ଶ୍ରେଷ୍ଠ ଉପହାର ।

*କଂଟି, ବାହାରଣା, ବାଲିକୁଦା, ଜଗତସିଂହପୁର-ମୋ : ୮୩୨୮୮୪୦୨୧୪*











# ଭରୁଥିନି ଏକାଦଶୀ

◆ ଉତ୍କଳାନନ୍ଦ ଅଜୟ କୁମାର ବେହେରା



ପ୍ରାଚୀନ କାଳରେ ନର୍ମଦା ନଦୀ ତଟରେ ମାନ୍ଧାତା ନାମକ ରାଜା ଶାସନ କରୁଥିଲେ । ରାଜା ଅତ୍ୟନ୍ତ ଧାର୍ମିକ ଥିଲେ । ଥରେ ସେ ଜଙ୍ଗଲକୁ ଯାଇ ତପସ୍ୟା କରୁଥିବା ସମୟରେ ଏକ ଭାଲୁ ଆସି ତାଙ୍କ ପାଦ ଚୋବାଇବାକୁ ଲାଗିଲା । ମାତ୍ର ରାଜାଙ୍କ ତପସ୍ୟା ଭଙ୍ଗ ହେଲା ନାହିଁ । ଧୀରେ ଧୀରେ ଭାଲୁ ରାଜାଙ୍କ ସମ୍ପୂର୍ଣ୍ଣ ପାଦ ଖାଇ ଦେଲା । ରାଜାଙ୍କୁ ଘୋଷାଡ଼ି ଘୋଷାଡ଼ି ଜଙ୍ଗଲ ଭିତରକୁ ନେଇଗଲା । ରାଜା ତପସ୍ୟା କରୁଥିବା କାରଣରୁ କ୍ରୋଧ ଏବଂ ହିଂସା ନକରି ଭଗବାନ ବିଷ୍ଣୁଙ୍କୁ ଡାକିବାକୁ ଲାଗିଲେ । ରାଜାଙ୍କ ଡାକ ଶୁଣି ଭକ୍ତବତ୍ସଳ ଭଗବାନ ବିଷ୍ଣୁ ପ୍ରକଟ ହୋଇ ସୁଦର୍ଶନ ଚକ୍ର ଦ୍ୱାରା ଭାଲୁର ବଧ କଲେ । ରାଜାଙ୍କ ସମ୍ପୂର୍ଣ୍ଣ ପାଦ ଭାଲୁ ଖାଇ ଦେଇଥିଲା । ରାଜା ଶୋକାତୁର ହୋଇ ପଡ଼ିଲେ । ଏହାଦେଖି ଭଗବାନ ବିଷ୍ଣୁ କହିଲେ, ହେ ବତ୍ସ ! ଶୋକ କରନାହିଁ । ତୁମେ ମଥୁରା ଯାଇ ସେଠାରେ ଭରୁଥିନି ଏକାଦଶୀ ବ୍ରତ ରଖ । ମୋର ବରାହ ଅବତାରକୁ ପୂଜା କର । ଏହାର ପ୍ରଭାବରେ ପୁଣିଥରେ ସୁଦୃଢ଼ ଅଙ୍ଗ ପ୍ରାପ୍ତହରିବ । ତୁମ ପୂର୍ବ ଜନ୍ମର ଅପରାଧ ପାଇଁ ଭାଲୁ ତୁମ ପାଦ ଚୋବାଇ ଦେଇଛି । ଭଗବାନଙ୍କ ଆଜ୍ଞା ପ୍ରାପ୍ତ କରି ରାଜା ମଥୁରା ଯାଇ ଶ୍ରଦ୍ଧା ପୂର୍ବକ ଭରୁଥିନି ଏକାଦଶୀ ବ୍ରତ କଲେ । ଏହାର ପ୍ରଭାବରେ ସେ ପୁଣି ଥରେ ସମ୍ପୂର୍ଣ୍ଣ ଏବଂ ସୁନ୍ଦର ଅଙ୍ଗ ପ୍ରାପ୍ତ କଲେ । ବୈଶାଖ ମାସ କୃଷ୍ଣପକ୍ଷ ଏକାଦଶୀକୁ ଭରୁଥିନି ଏକାଦଶୀ କୁହାଯାଇ ଥାଏ । ଚଳିତ ମାସ ୨୬ ତାରିଖରେ ଏହି ଏକାଦଶୀ ପଡୁଛି । ଏହି ପବିତ୍ର ଦିବସରେ ଭଗବାନ ମଧୁସୂଦନଙ୍କ ପୂଜା କଲେ ଅଶେଷ ପୂଣ୍ୟ ଏବଂ କଲ୍ୟାଣ ପ୍ରାପ୍ତି ହୋଇଥାଏ । କାମ, କ୍ରୋଧ, ଲୋଭ ଉପରେ ନିୟନ୍ତ୍ରଣ କରିବା ସହ ପାନ, ସୁପାରୀ ଆଦି ଏହି ଦିନରେ ତ୍ୟାଗ କରି ଭଗବାନ ବିଷ୍ଣୁଙ୍କ ବରାହ ଅବତାରର ପୂଜା କଲେ କୋଟି କୋଟି ବର୍ଷର ତପସ୍ୟା ଏବଂ କନ୍ୟାଦାନ ସମାନ ପୂଣ୍ୟ ପ୍ରାପ୍ତି ହୋଇଥାଏ ।

*ପିସି ସରକାର ଲେନ୍, ଅରୁଣୋଦୟ ନଗର, କଟକ : ୯୪୩୭୦୩୧୨୫୩*

◆ ଶ୍ୟାମ ସୁନ୍ଦର ସାମଲ

ହିନ୍ଦୁ ଧର୍ମରେ ଏକାଦଶୀ ବ୍ରତର ବିଶେଷ ମହତ୍ୱ ରହିଛି । ପ୍ରତ୍ୟେକ ଏକାଦଶୀର ଭିନ୍ନ ନାମ ଏବଂ ମହତ୍ୱ ବିଷୟରେ ଧର୍ମଗ୍ରନ୍ଥରେ ଉଲ୍ଲେଖ ରହିଛି । ଏହି କ୍ରମରେ ବୈଶାଖ ମାସ କୃଷ୍ଣ ପକ୍ଷ ଏକାଦଶୀକୁ ଭରୁଥିନୀ ଏକାଦଶୀ କୁହାଯାଏ । ଏଥର ଏହି ଏକାଦଶୀ ୧୨ ଏପ୍ରିଲ ଗୁରୁବାର ଦିନ ପଡୁଛି । ମାନ୍ୟତା ଅନୁଯାୟୀ ଏହି ଏକାଦଶୀର ଫଳ ସମସ୍ତ ଏକାଦଶୀ ଠାରୁ ଉର୍ଦ୍ଧ୍ୱରେ । ଏହି ଦିନ ଯିଏ ଉପବାସ ରଖିଥାଏ, ତାକୁ ୧୦ ହଜାର ବର୍ଷ ତପସ୍ୟାର ପୂଣ୍ୟ ଫଳ ମିଳିଥାଏ । ଜୀବନର ସବୁ ପାପ ନାଶ ହୁଏ ଏବଂ ସୁଖ ସୌଭାଗ୍ୟ ପ୍ରାପ୍ତ ହୋଇଥାଏ । ମନୁଷ୍ୟକୁ ଭୌତିକ ସୁଖ ତ ପ୍ରାପ୍ତ ହୋଇଥାଏ, ମୃତ୍ୟୁ ପରେ ତାକୁ ମୋକ୍ଷ ମଧ୍ୟ ମିଳିଥାଏ । ବ୍ରତର ବିଧି ନିମ୍ନରେ ଦିଆଗଲା ଭରୁଥିନୀ ଏକାଦଶୀ ସକାଳୁ ସ୍ନାନ ଆଦି ସମ୍ପନ୍ନ କରିବା ପରେ ଶୁଦ୍ଧ ହୋଇ ସଂଯମପୂର୍ବକ ଉପବାସ କରିବା ଆବଶ୍ୟକ । ରାତ୍ରୀ ଜାଗରଣ କରି ଭଗବାନ ମଧୁସୂଦନ ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ପୂଜା କରାଯିବା ଉଚିତ । ଏହି ଦିନ ଭଗବାନ ବିଷ୍ଣୁଙ୍କ ପୂଜା ମଧ୍ୟ ସମ୍ପୂର୍ଣ୍ଣ ବିଧିପୂର୍ବକ କରାଯିବା ଆବଶ୍ୟକ । ବିଷ୍ଣୁ ସହସ୍ରନାମ ଜପ ଏବଂ ହରିକଥା ଶ୍ରବଣ କରିବା ଉଚିତ । ବ୍ରତର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଦଶମୀ ତିଥିରେ ଥରେ ହବିଷ୍ୟାନ୍ନ ଭୋଜନ କରିବା ଫଳଦାୟୀ ହୋଇଥାଏ । ବ୍ରତ ପରଦିନ ବ୍ରାହ୍ମଣମାନଙ୍କୁ ଭୋଜନ ଦେବା ଉଚିତ । ଏହାପରେ ନିଜେ ଭୋଜନ କରିବା ଆବଶ୍ୟକ । ବ୍ରତ କଥା ଏହିପରି ପ୍ରାଚୀନ କାଳରେ ନର୍ମଦା ନଦୀ କୂଳରେ ରାଜା ମାନ୍ଧାତା ରାଜୁତି କରୁଥିଲେ । ଥରେ ସେ ଜଙ୍ଗଲରେ ତପସ୍ୟା କରୁଥିଲେ, ଏହି ସମୟରେ ଏକ ଭାଲୁ ଆସିଲା ଏବଂ ତାଙ୍କ ପାଦକୁ ଚୋବାଇବାକୁ ଲାଗିଲା । ମାନ୍ଧାତା ତପସ୍ୟା କରୁଥିଲେ । ତେଣୁ ସେ ଭାଲୁ ଉପରେ କ୍ରୋଧିତ ହେଲେ ନାହିଁ କିମ୍ବା ହିଂସାର ସାହାରା ନେଲେ ନାହିଁ । ଅସହନୀୟ ପୀଡ଼ା ଅନୁଭବ କରିବାରୁ ସେ ଭଗବାନ ବିଷ୍ଣୁଙ୍କୁ ସ୍ମରଣ କଲେ । ଭଗବାନ ବିଷ୍ଣୁ ପ୍ରକଟ ହୋଇ ତାଙ୍କର ରକ୍ଷା କଲେ । କିନ୍ତୁ ଭାଲୁ ତାଙ୍କର ପାଦ ଖାଇ ଦେଇଥିବାରୁ ରାଜାଙ୍କ ମନ ଦୁଃଖ ହେଲା । ଭଗବାନ କହିଲେ ଯେ ବତ୍ସ । ତୁମେ ଦୁଃଖୀ ହୁଅନାହିଁ । ତୁମର ପୂର୍ବଜନ୍ମର ଫଳ ଯୋଗୁ ଭାଲୁ ତୁମ ପାଦକୁ ଖାଇ ଦେଲା । ତୁମେ ମଥୁରା ଯାଅ ଏବଂ ସେଠାରେ ଭରୁଥିନୀ ଏକାଦଶୀ ବ୍ରତ ପାଳନ କର । ଏହାପରେ ତୁମର ପାଦ ସମ୍ପୂର୍ଣ୍ଣ ଭଲ ହୋଇଯିବ । ରାଜା ଭଗବାନଙ୍କ ଆଜ୍ଞା ପାଳନ କରି ପୁଣିଥରେ ନିଜର ପାଦ ଫେରିପାଇଥିଲେ ।

*ପୂର୍ବତନ କେନ୍ଦ୍ରାଂଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ : ୯୭୭୮୬୩୫୯୨୬*

# ଓଡ଼ିଆ ମାସର ନାମ କଥା

◆ ଡ. ଆଦିକନ୍ଦ ମହାନ୍ତି

ଅଜା ଆସିଛନ୍ତି । ପୂଜା ଛୁଟିରେ ମଂଜୁ ଓ ତା'ର ମା'କୁ ତାଙ୍କ ଘରକୁ ନେବେ । ମଂଜୁର ଖୁସି ଦେଖେ କିଏ ? ମାମୁ ଘରକୁ ଯିବ, ମଜା କରିବ । ଅଜା ସହିତ ଜଳଖିଆ ଖାଇବାକୁ ବସିଗଲା । ମା' ଅଜାଙ୍କୁ ଚାଷବାସ କଥା ପଚାରୁଛି । ଘରର ହାଲଚାଲ ବୁଝୁଛି । କଥା ହସରେ ଅଜା କହିଲେ, ବୁଝିଲୁ ଲୋ ମା' ସିଂହ ଆଉ କନ୍ୟା ମାସରେ ମୁଁ ବର୍ଷା ହେବାର ଦେଖିଛି । ହେଲେ ବର୍ଷ ଯେମିତି ବର୍ଷା ହେଲା ସେମିତି ଖୁବ୍ କମ୍ ହୁଏ । ଧାନ ଅବଶ୍ୟ ଏ ସନ ଭଲ ହୋଇଛି । ହେଲେ ଗର୍ଭଣା ସଂକ୍ରାନ୍ତି ପର ତୁଳା ମାସର ପାଳକ ଉପରେ ଏ ବର୍ଷ ଅମଳଟା ନିର୍ଭର କରୁଛି । ମା' କହିଲେ ହଁ କଥାଟା ସତ । କାର୍ତ୍ତିକ ମାସରେ ଯଦି ପବନ ନହୁଏ ଆମର ବି ଧାନ ଭଲ ହେବ । ଆପଣ ତ ଆମ ବିଲ ରାସ୍ତା ଦେଇ ମଂଜୁ ବାପା ସହିତ ମଟର ସାଇକେଲ୍‌ରେ ବସ୍‌ଷ୍ଟାଣ୍ଡରୁ ଆସିଲେ କେମିତି ଧାନ ହୋଇଛି ଦେଖିଥିବେ ହେଲେ ଏଇ ଭାଦ୍ରବ ଆଶ୍ୱିନରେ ବର୍ଷାଟା ବିଲରେ ଆମର ଗୋଟିଏ ଦୁଇଟା ଜାଗାରେ ଘାଇ କରିଦେଲା । ମଂଜୁ ଅଜା ଓ ମା'ଙ୍କ କଥାରୁ କିଛି ଠଉରାଇ ପାରୁ ନଥାଏ । ଅଜା କ'ଣ ସିଂହ, କନ୍ୟା, ତୁଳା ଏମିତି ସବୁ ମାସ କଥା କହିଲେ । ମା' ବି ସେମିତି ଭାଦ୍ରବ, ଆଶ୍ୱିନ, କାର୍ତ୍ତିକ କଥା କ'ଣ କହୁଛନ୍ତି । ଏ ସବୁର ହିସାବ ତ ତାକୁ ମାଲୁମ ନାହିଁ । ତାଙ୍କ କନ୍‌ଭେ□ ସ୍କୁଲରେ ତ ଏମିତି ମାସ ଗଣନା କଥା କେହି ତାଙ୍କୁ କେବେ କହିନାହାଁନ୍ତି । ସେ ଅଜାଙ୍କୁ ପଚାରିଲା, ଅଜା ତୁମେ ଯେ କନ୍ୟା, ତୁଳା, ସିଂହ ଆସି ମାସ କଥା କହିଲ, ସେ ସବୁ କେଉଁ ଦେଶର ଲୋକେ ହିସାବ କରନ୍ତି ? ଆମ ଦେଶର ଜାନୁଆରୀ, ଫେବୃଆରୀ, ଅଗଷ୍ଟ ସେପ୍ଟେମ୍ବର ମାସର ନାମ ସେ ସବୁ ନୁହେଁ କି ? ଅଜା ହସିଲେ । ବୁଝିଲ ତୁମେ ସବୁ ସାଇବ ହୋଇଗଲ । ଇଂରେଜମାନେ ଆମ ଦେଶରୁ ଗଲେ ସତ, ହେଲେ ତୁମ ରକମ କେତୋଟି କଳା ସାଇବ ତିଆରି କରି ଦେଇଗଲେ । ହଇରେ କନ୍ୟା, ତୁଳା, ସିଂହ ମାସ ଅନ୍ୟ ଦେଶର ମାସର ନାମ ହେବ କିଆଁ । ସେ ସବୁ ପରା ଆମ ଓଡ଼ିଆ ମାସର ନାମ । ତୁମ ସ୍କୁଲରେ କ'ଣ ସବୁ ପଢ଼ା ହେଉଛି କିରେ ? ମୁଁ ଜାଣେ ପରା ଆମ ବେଳର ସେ ଗୋପୀଭାଷା, ମଥୁରାମଙ୍ଗଳ,

| କ୍ର. | ଓଡ଼ିଆ ମାସ | ଇଂରାଜୀ ମାସ |
|---|---|---|
| ୧ | ବୈଶାଖ | April / May |
| ୨ | ଜ୍ୟେଷ୍ଠ | May / June |
| ୩ | ଆଷାଢ଼ | June / July |
| ୪ | ଶ୍ରାବଣ | July / August |
| ୫ | ଭାଦ୍ରବ | August / September |
| ୬ | ଆଶ୍ୱିନ | September / October |
| ୭ | କାର୍ତ୍ତିକ | October / November |
| ୮ | ମାର୍ଗଶିର | November / December |
| ୯ | ପୌଷ | December / January |
| ୧୦ | ମାଘ | January / February |
| ୧୧ | ଫାଲ୍‌ଗୁନ | February / March |
| ୧୨ | ଚୈତ୍ର | March / April |

ଲୀଳାବତୀ ସୂତା ଆଉ ନାହିଁ । ଛାଡ଼ ଛାଡ଼ ତୁମକୁ ସବୁ କିରାଣୀ କରିବା ପାଇଁ ସରକାର ଏ ପାଠ ପଢ଼ାଉଛନ୍ତି । ତୁମେ ମଣିଷ ହେବନି । ମଂଜୁ ଜଣେ ଅଜାଙ୍କ କଥା ସବୁବେଳେ ଏମିତି । ତାଙ୍କ ବେଳର ପାଠକୁ ସେ ନିଶ୍ଚୟ ପ୍ରଶଂସା କରିବେ । ସେ କହିଲା- ବୁଝିଲ ଅଜା ତୁମର ସେ ଲୀଳାବତୀ ସୂତ୍ର, ପଣକିଆ, ବୁଢ଼ିପଣ କାହାଣୀ ବର୍ତ୍ତମାନ ସରକାରୀ ହୋଇଗଲା । ଆଉ ତୁମର ସେ କନ୍ୟା, ତୁଳା, ସିଂହ ମାସ କଥା କହିଲେ ଲୋକେ ହସିବେ । ତୁମେ ଅଗଷ୍ଟ, ସେପ୍ଟେମ୍ବର, ଅକ୍ଟୋବର ଆଦି ମାସର ହିସାବ ଜାଣ । ସେଇ ଅନୁସାରେ କଥାବାର୍ତ୍ତା କର । ମଫସଲି କେଉଁଠି କାର । ଏକଥା ଶୁଣି ଅଜାଙ୍କ ରାଗ ତ ପ□ମକୁ ଉଠିଗଲା । ସେ କହିଲେ, ଆଚ୍ଛା କହିଲୁ ଦେଖି ଅଗଷ୍ଟ ମାସର ନାମ ଏପରି କାହିଁକି ହେଲା ? ଓଃ ଏଇ କଥା ? ରୋମ୍ଗ ସମ୍ରାଟ ଅଗଷ୍ଟସଙ୍କ ନାମ ଅନୁସାରେ ଏଇ ମାସର ନାମ ଅଗଷ୍ଟ ହୋଇଛି ପରା । ମଂଜ□ କହିଲା ।ଅଜା କହିଲେ, ବୁଝିଲୁ ଆମ ଓଡ଼ିଆ ମାସର ନାମ କୌଣସି ରାଜାର ନାମ ଅନୁସାରେ ହୋଇନି । ଏସବୁ ଶାସ୍ତ୍ର ସମ୍ମତ । ଜ୍ୟୋତିଷ ଶାସ୍ତ୍ରର ରାଶି ଓ ନକ୍ଷତ୍ର ନାମ ଅନୁସାରେ ଏସବୁର ନାମକରଣ କରାଯାଇଛି । ଶାସ୍ତ୍ର ଅନୁସାରେ ରାଶି ବାରଟି । ମେଷ, ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା, ବିଛା, ଧନୁ, ମକର, କୁମ୍ଭ ଆଉ ମୀନ । ଏଇସବୁ ରାଶିର ନାମ ଅନୁସାରେ ମାସର ନାମକରଣ କରାଯାଇଛି । ପ୍ରତି ମାସର ଆରମ୍ଭମାନେ ସଂକ୍ରାନ୍ତି ଦିନ ସୂର୍ଯ୍ୟ ପଶ୍ଚିମ ଆକାଶରେ ବୁଡ଼ିଯିବା ପରେ ତୁମେ ସେଇ ଦିଗରେ ପୁଞ୍ଜେ ତାରା ଦେଖିବ । ସେଇ ତାରା ମେଷ ଆକାରର ହେଲେ ମାସର ନାମ ହେବ ମେଷ । ସିଂହ ଆକାରରେ ହେଲେ ହେବ ସିଂହ ମାସ; ବୁଝିଲୁ ? ମଂଜୁ କହିଲା- ହଁ ଏଇଟା ବୁଝିଗଲି । ହେଲେ ମା' ଯେଉଁ ମାସ କଥା କହିଲେ ସେ ସବୁର ନାମ କେମିତି ହେଲା ? ଅଜା କହିଲେ- ଆରେ ଯେମିତି ବାରଟି ରାଶିର ନାମ ଅନୁସାରେ ମାସର ନାମକରଣ ହୋଇଛି । ସେମିତି ନକ୍ଷତ୍ରର ନାମ ଅନୁସାରେ ବି ଜ୍ୟୋତିଷ ଶାସ୍ତ୍ର ମାସର ନାମ ଦେଇଛି । ଶାସ୍ତ୍ର ଅନୁସାରେ ନକ୍ଷତ୍ର ସତେଇଶଟି । ସେସବୁର ନାମ ହେଲା ଅଶ୍ୱନୀ, ଦ୍ୱିଜା, କୃତିକା, ରୋହିଣୀ, ମଘା, ମୃଗଶିରା, ଆର୍ଦ୍ରା, ପୁନର୍ବସୁ, ପୁଷ୍ୟା, ଅଶ୍ଲେଷା, ପୂର୍ବଫାଲ୍‌ଗୁନୀ, ଉ□ର ଫାଲ୍‌ଗୁନୀ, ଚିତ୍ରା, ହସ୍ତା, ବିଶାଖା, ଅନୁରାଧା, ଜ୍ୟେଷ୍ଠା, ମୂଳା, ରେବତୀ, ପୂର୍ବଭାଦ୍ରା, ଉତର ଭାଦ୍ରା, ଶତଭିଷା, ପୂର୍ବାଷାଢ଼ା, ଉତରାଷାଢ଼ା, ଶ୍ରାବଣ, ଧନିଷ୍ଠା, ସ୍ୱାତୀ । ମଂଜୁ କହିଲା- ନକ୍ଷତ୍ର ତ ସତେଇଶଟି । ହେଲେ ବାର ମାସର ନାମ ନକ୍ଷତ୍ର ଅନୁସାରେ କେମିତି ହେଲା ? ଆରେ ସେଇ ନକ୍ଷତ୍ର ଭିତରେ ବିଶାଖାରୁ ହେଲା ବୈଶାଖ, ଜ୍ୟେଷ୍ଠାରୁ ଜ୍ୟେଷ୍ଠ, ଉତରାଷାଢ଼ା ପୂର୍ବାଷାଢ଼ାରୁ ଆଷାଢ଼, ଶ୍ରାବଣାରୁ ଶ୍ରାବଣ, ଉତରଭାଦ୍ରା ପୂର୍ବଭାଦ୍ରାରୁ ଭାଦ୍ରବ, ଅଶ୍ୱନୀରୁ ଆଶ୍ୱିନ, କୃତିକାରୁ କାର୍ତ୍ତିକ, ମୃଗଶିରାରୁ ମାର୍ଗଶିର, ପୁଷ୍ୟାରୁ ପୌଷ, ମଘାରୁ ମାଘ, ଉତରାଫାଲ୍‌ଗୁନୀ ପୂର୍ବ ଫାଲ୍‌ଗୁନୀରୁ ଫାଲ୍‌ଗୁନ ଓ ଚିତ୍ରାରୁ ଚୈତ୍ର ମାସର ନାମ କରଣ ହୋଇଛି ।

**ଚିତ୍ରଡ଼ା, ମୟୂରଭଞ୍ଜ, ଓଡ଼ିଶା**

# ମହାପୁରୁଷ ଅଚ୍ୟୁତାନନ୍ଦ ଓ ମାଳିକା

◆ ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

କବି ଅଚ୍ୟୁତାନନ୍ଦ ଜଣେ ବହୁଦର୍ଶୀ ଦାର୍ଶନିକ ଓ ପଣ୍ଡିତ ଥିଲେ । ସର୍ବୋପରି ସେ ଥିଲେ ଜଣେ ମହାନ ସନ୍ଥକବି, ଧର୍ମ ପ୍ରଚାରକ, ସମାଜ ସଂସ୍କାରକ ଓ ଭବିଷ୍ୟତ ଦ୍ରଷ୍ଟା । ସେ ଗୀତା ସଂହିତା, ଟୀକା, କଳ୍ପ, ଯନ୍ତ୍ର, ମାଳିକା ଆଦି ରଚନା ଗୁଡ଼ିକରେ ଦର୍ଶନ ତତ୍ତ୍ୱର ଜଟିଳତାକୁ ସୁଗମ ଭାବରେ ଉପସ୍ଥାପନ କରିଛନ୍ତି । ମାଳିକା ପାଇଁ ଅଚ୍ୟୁତାନନ୍ଦ ଓଡ଼ିଶାର ପୁରପଲ୍ଲୀରେ ଅତିପ୍ରିୟ ଓ ପରିଚିତ । ଅନେକ ମାଳିକାକୁ ମିଥ୍ୟା କଳ୍ପନା ବୋଲି କହିଥାନ୍ତି । ମାତ୍ର ଅଦ୍ଭୁତ ଭାବରେ ବ□ମାନ ସେ ସବୁରୁ ଅନେକ କଥା ଅବିକଳ ଭାବରେ ଘଟି ଯାଉଥିବାରୁ ମାଳିକା ପ୍ରତି ଜନସାଧାରଣଙ୍କର ବିଶ୍ୱାସ ବୃଦ୍ଧି ପାଉଛି ।ଓଡ଼ିଆ ସନ୍ଥମାନଙ୍କ ରଚନାରେ ମାଳିକା ଏକ ଅପୂର୍ବ ସୃଷ୍ଟି । ମାଳରେ ଫୁଲ ବା ମାଳି ଗୋଟି ଗୋଟି ଗୁନ୍ଥା ହେବା ଭଳି ମାଳିକାରେ ଭବିଷ୍ୟବାଣୀ ଗୁଡ଼ିକ ସଜ୍ଜିତ ହୋଇ ବର୍ଣ୍ଣନା କରାଯାଇଛି । ଅଚ୍ୟୁତାନନ୍ଦଙ୍କ ମାଳିକା ଏକ ସୁସ୍ଥ ସମାଜ ଗଠନ ପାଇଁ ସତର୍କବାଣୀ । ଲୋକ ମାନଙ୍କୁ ପଙ୍କିଳ ସଂସାର ଭିତରୁ ଉଦ୍ଧାର କରିବା ପାଇଁ ମହାପୁରୁଷ ପ୍ରୟାସ କରିଛନ୍ତି । ସମାଜରେ ଧର୍ମ ନାମରେ ଭ୍ରଷ୍ଟାଚାର, କୁକାର୍ଯ୍ୟ ପ୍ରଭୃତିକୁ ସେ ଦୃଢ଼ ଭାବରେ ନିନ୍ଦା କରିଛନ୍ତି । ବିଶେଷକରି ଶୁଦ୍ରଜାତି ଓ ମହିଳା ମାନଙ୍କ ଉତାନ ପାଇଁ ତାଙ୍କ ପ୍ରଚେଷ୍ଟା, ତାଙ୍କ ରଚନା ମାଳିକାରେ ଦେଖିବାକୁ ମିଳେ । ସମାଜକୁ ଅନ୍ୟାୟ ଓ ଅନୀତି ଦାଉରୁ ରକ୍ଷା କରିବା ପାଇଁ ତଥା ସତର୍କ କରିବା ପାଇଁ ତାଙ୍କ ରଚିତ ମାଳିକା ଏକ ସଫଳ ସୃଷ୍ଟି କହିଲେ ଅତ୍ୟୁକ୍ତି ହେବନାହିଁ । ତାଙ୍କ ଭାଷାରେ 'ଗୃହସ୍ଥ ଭାରିଯା ଛାଡ଼ିବେ, ପେଟ ନ ପୂରି ବୁଲୁଥିବେ । ପରଜା ଧନ ରାଜା ନେବେ, ନିର୍ଦ୍ଦୟ ହୃଦେଣ ମାରିବେ । ଗୁରୁଙ୍କୁ ଶିଷ୍ୟ ଅବିଶ୍ୱାସ, ପିତା ପୁତ୍ରକୁ ଦେବ ବିଷ ।' (ଗୁରୁଭକ୍ତି ଗୀତା) ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କ ଯୋଗସିଦ୍ଧି ଓ ଦୂରଦୃଷ୍ଟି ବଳରେ ଆଗତ ଭବିଷ୍ୟତ ପ୍ରତ୍ୟକ୍ଷ କରି ସମାଜକୁ ବିପର୍ଯ୍ୟୟରୁ ସୁଧାରିବା ପାଇଁ ସହଜ ବୋଧଗମ୍ୟ ବୋଲି ମାଧମରେ ମାଳିକା ଉପସ୍ଥାପନ କରିଛନ୍ତି । ସେହିପରି ଓଡ଼ିଶାର ବହୁ ସନ୍ଥକବି ବଳରାମ ଦାସ, ଯଶୋବନ୍ତ ଦାସ, ଶିଶୁ ଅନନ୍ତ ଦାସ, ଜଗନ୍ନାଥ ଦାସ, ଅରକ୍ଷିତ ଦାସ, ହାଡ଼ି ଦାସ ଓ ଅଭିରାମ ପରମହଂସ ପ୍ରମୁଖ ଲୋକମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ମାଳିକା ସୃଷ୍ଟି କରିଯାଇଛନ୍ତି । ଅନେକ ମାଳିକାକୁ ଦେବବାଣୀ ବୋଲି ମନେ କରିଥାନ୍ତି । ବାସ୍ତବରେ ଅଚ୍ୟୁତାନନ୍ଦଙ୍କ ମାଳିକାକୁ ସର୍ବଶ୍ରେଷ୍ଠ ଭାବରେ ପରିଗଣିତ କରାଯାଏ । ଅଚ୍ୟୁତାନନ୍ଦଙ୍କର ଏହି ମାଳିକାଗ୍ରନ୍ଥ କଳି ଯୁଗ ମାଳିକା, ଜାଇଫୁଲ ମାଳିକା ଓ ଦଶପଟଳ ମାଳିକା ଇତ୍ୟାଦି ନାମରେ ବର୍ଣ୍ଣିତ । କଳି ଯୁଗ ମାଳିକାସ୍ଥ ପ୍ରଥମ ବୋଲିରେ କବି ପ୍ରକାଶ କରିଛନ୍ତି ଯେ ଘୋର କଳିକାଳ ଆଗମନରେ ଦୁଷ୍ଟଗଣ ଅଜ୍ଞାନରେ ମାତିବେ ଓ ଭକ୍ତମାନଙ୍କୁ ନିନ୍ଦା କରିବେ । ଏହି ସମୟରେ କବି ନିଜେ ପଦ୍ମବନରେ ରହି ଲୀଳା ଦର୍ଶନ କରିବେ । ଦୁଷ୍ଟ ଲୋକଙ୍କୁ ସଂହାର କରିବା ପାଇଁ ମହାମାୟୀ ଖର୍ଗର ଦାରଣ କରିବେ, ଭୈରବୀ ଡାକିବେ, ଲୋକମାନେ ଭୈରବୀ ଡାକରେ ଭୟଭୀତ ହୋଇ ଅସ୍ଥିର ହେବେ । ଏପରି ଦୁର୍ଦ୍ଦିନ ସମୟରେ ଯେଉଁମାନେ ଏକାକ୍ଷର ମନ୍ତ୍ର ଜପ କରୁଥିବେ ସେମାନେ ସୁଖ ଲାଭ କରିବେ । କବିଙ୍କ ଭାଷାରେ 'ଏକାକ୍ଷର ମନ୍ତ୍ର ଜପ ଯେଉଁ ମାନଙ୍କର, ଆନନ୍ଦ ହୋଇବେ ଲୀଳା ଦେଖିବେ ପ୍ରଭୁର । ଅତି ସୁଖେ ଦିନ ନେବେ ଦୁଃଖ ଥିଲେପାଇ, ଅଚ୍ୟୁତ ଗୀତ ଯୋଡ଼ି ପଦ୍ମପାଦ ଧ୍ୟାୟୀ ।' 'ଜାଇଫୁଲ ମାଳିକା' ବୋଲିରେ କବି ରାମଦାସଙ୍କ ଆଗରେ କଳି ଜନ୍ମ ପ୍ରସଙ୍ଗ ଦର୍ଶାଇଛନ୍ତି, କଳି ଜନ୍ମ ହେବାବେଳେ ମିଥ୍ୟା, ପାପ, ହିଂସା, ଦ୍ୱନ୍ଦ, କପଟ, ଅନ୍ୟାୟ, ଅନାଚାର ଆଦିକୁ ସଂଗରେ ଧରି ଆସିଛନ୍ତି । କେବଳ ଏତିକି ନୁହେଁ ଆସିଲାବେଳେ ଅଧର୍ମ, କ୍ରିୟାହୀନ, ଲଂପଟ, ପରଶ୍ରୀକାତରତା, ଅଳସ, କୃପଣ, କ୍ରୋଧ, ନିଷ୍ଠୁର, ଅଜ୍ଞାନ, ଲୋଭ, ମୋହ ଇତ୍ୟାଦି ପାରିଷଦ ମାନଙ୍କୁ ସଙ୍ଗରେ ଆଣି କଳି ରାଜତ୍ୱ କରୁଛନ୍ତି । ଏମାନଙ୍କ ଯୋଗୁ କଳିଯୁଗରେ ଲୋକମାନେ ଘୋର ଦୁର୍ଦ୍ଦିନର ସମ୍ମୁଖୀନ ହେଉଛନ୍ତି । ସେଥିପାଇଁ କବି ପ୍ରଥମେ ସଦ୍‌ଗୁରୁ ସେବା ମାହାତ୍ମ୍ୟ ଦର୍ଶାଇ କହିଛନ୍ତି - 'ସଦ୍‌ଗୁରୁ ନାମସ୍ମରଣ ତେବେ ଭବସିନ୍ଧୁ ହୋଇବୁପାର ଲୋ ଜାଇଫୁଲ, ବେଗେ ଲଙ୍ଗୁଳି ସାଧନକର ।' ଆଗତ ଭବିଷ୍ୟତ ମାଳିକାରେ ଅଚ୍ୟୁତାନନ୍ଦ କଳିଯୁଗର ଆଗତ ଭବିଷ୍ୟବାଣୀକୁ ଉଲ୍ଲେଖ କରିଛନ୍ତି । ଘୋର କଳିଯୁଗ ଆଗମନରେ ଘୋର ବିଭ୍ରାଟ ସୃଷ୍ଟି ହେବ । ଦୁଷ୍ଟ ଅଜ୍ଞାନମାନେ ମାତିଯିବେ । ସେ ନିଜେ ନେମାଳ ଗ୍ରାମରେ ରହି ଏପରି ଲୀଳା ଦର୍ଶନ କରିବେ । 'ନଳିନ ବନ ଲୁଚିଛି ନେମାଳ ଗ୍ରାମରେ, ଲୀଳା ପ୍ରକାଶିବ ଆଦ୍ୟ ସେହି ଯେ ଠାବରେ । ନାଶ ଯିବେ ଦୁଷ୍ଟଲୋକ ହେବ ହାଣଗୋଳ, ଲୀଳା ଦେଖୁଥିବ ବସି ଅଚ୍ୟୁତ ପାମର ।' ଦଶପଟଳ ମାଳିକାରେ ଧର୍ମ ସମ୍ବନ୍ଧୀୟ ବହୁ ଉଦାରବାଦ ଏଥିରେ ପ୍ରକାଶ କରିଛନ୍ତି । ପ୍ରତିଯୁଗରେ ପଂଚ□ସଖାଙ୍କ ଆବିର୍ଭାବ ପ୍ରସଙ୍ଗ ଏଥିରେ ବର୍ଣ୍ଣନା କରି ଏହି ପ□ସଖାଙ୍କ ରଚିତ ଶ୍ରବଣ କଲେ ସର୍ବ ଦୁଃଖ ଦୂର ହୋଇଯାଏ ବୋଲି କବି ପ୍ରକାଶ କରିଛନ୍ତି । କବିଙ୍କ ଭାଷାରେ 'ପଂଚ□ସଖାଙ୍କର ଜନ୍ମ ରଚିତ, ଶ୍ରବଣେ ନାଶ ହୁଅଇ ଦୂରିତ ।' କବି ମାଳିକା ଗ୍ରନ୍ଥରେ ଉତ୍କଳର ବହୁ ଭବିଷ୍ୟତ ସୂଚନା ପ୍ରଦାନ କରିଛନ୍ତି । ଅବଶ୍ୟ ଏକଥା ସତ ଯେ ଯଦିଓ ମୂଳଗ୍ରନ୍ଥଟି ଅଚ୍ୟୁତାନନ୍ଦଙ୍କ ଦ୍ୱାରା ରଚିତ ପରେ କିନ୍ତୁ ଏହି ଗ୍ରନ୍ଥରେ ବହୁ ବିଷୟ ଯୋଗ ହୋଇ ପ୍ରଚାର ଲାଭ କରିଥିବା କଥା ସ୍ପଷ୍ଟ ଅନୁମିତ ହୁଏ । ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ ହେଉଛନ୍ତି ମାଳିକା ସାହିତ୍ୟର ପ୍ରାଣକେନ୍ଦ୍ର । ଏଥିରେ ଶ୍ରୀ ଜଗନ୍ନାଥଙ୍କର କଳ୍କୀ ଲୀଳା ଓତଃପ୍ରୋତ ଭାବେ ଜଡ଼ିତ । ସମାଜ ସଂସ୍କାର ପାଇଁ ମାଳିକାର ଦାନ ଅତୁଳନୀୟ । ଶୂନ୍ୟ ପୋଥିରେ ଏବେ ବି ମାଳିକା ଲେଖା ଚାଲିଛି । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବିଷୟରେ ଭକ୍ତମାନଙ୍କର ପ୍ରଶ୍ନର ସମାଧାନ ପୋଥିରୁ ମିଳୁଛି । ଶୂନ୍ୟ ପୁରୁଷ ଶୂନ୍ୟରେ ରହି ଭକ୍ତମାନଙ୍କ ପାଇଁ ଭବିଷ୍ୟବାଣୀ ପୋଥିରେ ଲେଖି ମନାସୁଥିବା ପ୍ରଶ୍ନର ଉ□ର ଲେଖି ଦେଉଛନ୍ତି । ମାତ୍ର ଯେଉଁମାନେ ଏହି ପୋଥିକୁ ପାଇ ବ୍ୟବସାୟ କରି ଲାଭବାନ ହେବାକୁ ପ୍ରୟାସ କରୁଛନ୍ତି ଦଣ୍ଡିତ ହେଉଛନ୍ତି । ସେଥିପାଇଁ ବେଳ ହୁଁ ସାବଧାନ ହେବା ପାଇଁ ଅଚ୍ୟୁତାନନ୍ଦ ସତର୍କ କରାଇ ଲେଖିଛନ୍ତି 'ହରିଗୁଣ ମିଶାଇବା ନୁହଇ ସହଜ, ହେଜାଇ କହେ ଅଚ୍ୟୁତ ବାନ୍ଧ ମ□ଗତ । ଲୋକ ନକରିବୁ ବାବୁ ଗୁପତେ ରହିବୁ, କ୍ଷିତି ମଧ୍ୟେ କାଳ ଜଡ଼ା ପ୍ରାୟ ରହିଥିବୁ, ଛାଡ଼ିବ ଗାରିମା ତୋର ହୋଇବ ନିର୍ମଳ, ଛାର ଅଚ୍ୟୁତ ଦାସର ଏହି ଭାବ ମୂଳ ।'

*ପ୍ଲଟ ନଂ : ୧୦୮୨/ଡି, ସେକ୍ଟର-୬, ସିଡିଏ, କଟକ, :୯୮୬୧୩୫୫୬୨୮*

# ପବିତ୍ର ବୈଶାଖ ମାସ ଓ ବିଷ୍ଣୁ ଭକ୍ତି

◆ ଦେବଦତ ବିଶ୍ୱାଳ



ଆରମ୍ଭ ହୋଇଯାଇଛି ବୈଶାଖ ମାସ
ମାସ ଭଳି ପୂଣ୍ୟମାସ ଭାବେ
ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ,
ସବୁଠୁ ଉତମ ମାସ ଭାବେ ଅଭିହିତ
ନିମନ୍ତେ ଉପାୟ କରିବାକୁ କହି
ସମ୍ପୂର୍ଣ୍ଣ ବୈଶାଖ ମାସ ସୂର୍ଯ୍ୟ ଉଦୟ
କାରଣ ଏହି ସୂର୍ଯ୍ୟ ଉଦୟ ପରେ ସ୍ନାନ
ବୈଶାଖ ମାସର ଦେବତା
କରିବା ସହ ଦାନ ଧର୍ମ କରି ପୂଣ୍ୟ
ରହିଛି । ଏହି ମାସରେ ଦିନରେ
ଭୋଜନ, ମଦ ଗ୍ରହଣ କରିବା ଉଚିତ
ମାସରେ ପଙ୍ଖା, ଫଳ, ଜଳ ଓ
ଏହି ମାସରେ ଗହମ, ଯଅ ଓ ଚଣା
କରାଯାଇ ପାରିବ । ଭଗବାନ ବିଷ୍ଣୁ
ମୁକ୍ତି, ଅଧର୍ମୀଙ୍କ ବିନାଶ ଉଦ୍ଦେଶ୍ୟରେ
ନେଇ ଜନ୍ମ ନେଇଛନ୍ତି । ଭିନ୍ନ ଭିନ୍ନ
ଅବତାରର ଉପାସନା

। ବୈଶାଖ ମାସକୁ ଶାସ୍ତ୍ରରେ କାର୍ତ୍ତିକ
ଆଖ୍ୟାୟିତ କରାଯାଇଛି । ସ୍କନ୍ଦ
ସୃଷ୍ଟିକର୍ତ୍ତା ବ୍ରହ୍ମଦେବ ବୈଶାଖ ମାସକୁ
କରି ଏହି ମାସରେ ମୋକ୍ଷ ପ୍ରାପ୍ତି
ଯାଇଛନ୍ତି । ଜ୍ୟେଷ୍ଠ ପୂର୍ଣ୍ଣିମା ପର୍ଯ୍ୟନ୍ତ
ପୂର୍ବରୁ ସ୍ନାନ କରିନେବା ଉଚିତ୍ ।
କଲେ ପୂଣ୍ୟ ପ୍ରାପ୍ତି ହୋଇନଥାଏ ।
ହେଉଛନ୍ତିମଧୁସୂଦନ ଏହାଙ୍କ ପୂଜା
ଅର୍ଜନ କରିବା ଲାଗି ଶାସ୍ତ୍ରରେ ବର୍ଣ୍ଣନା
ଶୋଇବା ଏବଂ ରାତିରେ ଆମିଷ
ନୁହେଁ । ପୂଣ୍ୟ ପ୍ରାପ୍ତି ନିମନ୍ତେ ଏହି
ମାଠିଆ ଆଦି ଦାନ କରିବା ଉଚିତ୍ ।
ଆଦି ଦାନ କରି ମଧ୍ୟ ପୂଣ୍ୟ ପ୍ରାପ୍ତି
ହେଉଛନ୍ତି ପାଳନ କର୍ତ୍ତା । ପୀଡ଼ିତଙ୍କ
ସେ ବହୁବାର ଭିନ୍ନ ଭିନ୍ନ ଅବତାର
ତିଥିରେ ଭଗବାନ ବିଷ୍ଣୁଙ୍କ ଭିନ୍ନ ଭିନ୍ନ
କରାଯାଇଥାଏ । ତେବେ ସମ୍ପୂର୍ଣ୍ଣ

ବୈଶାଖ ମାସ ବିଷ୍ଣୁ ଭକ୍ତିର ଉତମ ଅବସର ଆଣି ଦେଇଥାଏ । ଏହି ମାସରେ ନାରାୟଣଙ୍କ ଉପାସନାରେ କଲେ ଭକ୍ତର ଅଶେଷ କଲ୍ୟାଣ ସାଧିତ ହୋଇଥାଏ । ପୌରାଣିକ ମାନ୍ୟତା ଅନୁଯାୟୀ ଭକ୍ତ ଧ୍ରୁବ ଅଭୂତ ବିଷ୍ଣୁ ଭକ୍ତ ଥିଲେ । ସେ ଦ୍ୱାଦଶ ଅକ୍ଷର ମନ୍ତ୍ର 'ଓଁ ନମଃ ଭଗବତେ ବାସୁଦେବାୟ' ଜପ କରି ଭଗବାନ ବିଷ୍ଣୁଙ୍କୁ ପ୍ରସନ୍ନ କରିପାରିଥିଲେ । ଏହାଦ୍ୱାରା ଧ୍ରୁବ ଉତମ ପଦବୀ ଏବଂ ପ୍ରତିଷ୍ଠା ପ୍ରାପ୍ତି କରି ପାରିଥିଲେ । ବୈଶାଖରେ ପ୍ରାତଃ ସ୍ନାନ ପୂର୍ବକ କୌଣସି ବିଷ୍ଣୁ ମନ୍ଦିରକୁ ଯାଇ ଭଗବାନ ବିଷ୍ଣୁଙ୍କ ପୂଜା କରିବା ଆବଶ୍ୟକ । ଯଥାସମ୍ଭବ ହଳଦିଆ ବସ୍ତ୍ର ଧାରଣ କରି ବିଷ୍ଣୁଙ୍କୁ ପୂଜା କରିବା ସହ ତାଙ୍କ ଠାରେ ପଂଚାମୃତ, ତୁଳସୀ, ଚନ୍ଦନ ଲାଗି କଲେ ଭକ୍ତର ସମସ୍ତ ମନୋସ୍କାମନା ପୂର୍ଣ୍ଣ ହୋଇଥାଏ । ଏହି ମାସରେ ବିଷ୍ଣୁଙ୍କ ଦ୍ୱାଦଶ ଅକ୍ଷର ମନ୍ତ୍ର କିମ୍ବ ସହସ୍ରନାମ ପାଠ କରିବା ଦ୍ୱାରା ମଧ୍ୟ ଅଶେଷ ଲାଭ ମିଳିଥାଏ ।

*ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ : ୯୮୬୧୯୪୪୫୯୪*




# ଶ୍ରୀ ହନୁମନ୍ତ ସ୍ତୋତ୍ର

ଓଁ ହନୁମନ୍ତେ ନମଃଫ ଅଞ୍ଜନା ଗର୍ଭ ସଂଭୂତ କପୀନ୍ଦଅ ସବୀବୋତମ ।
ରାମ ପ୍ରିୟ ନମସ୍ତୁଭ୍ୟଂ ହନୁମାନ୍ ରକ୍ଷ ସର୍ବଦା । ।
ମର୍କଟେସ ମହୋତ୍ସାହ ସର୍ବଶୋକ ବିନାଶନ ।
ଶତ୍ରୁନ୍ ସଂହାରମାଂ ରକ୍ଷଶ୍ରୀୟଂ ଦାପୟମେପ୍ରଭୋ । ।
ଜୟଖ୍ୟାତି ବଳରାମ ଲକ୍ଷ୍ମଣଶ୍ଚ ମହାବଳଃ ।
ରାଜା ଜୟତି ସୁଗ୍ରୀବୋ ରାଘବେଣାଭି ପାଳିତଃ । ।
ଦାସୋ୍ଽହଂ କୋଶଳେନ୍ଦ୍ରସ୍ୟ ଭୀମସ୍ୟ କ୍ଲିଷ୍ଟ କର୍ମଣଃ ।
ହନୁମାନ ଶତ୍ରୁ ସନ୍ୟାନାଂ ନିହନ୍ତା ମାରୁତାତ୍ମକଃ । ।
ନ ରାବଣ ସହସ୍ରଂମେ ଯୁଦ୍ଧେ ପ୍ରତିବଳଂ ଭବେତ ।
ଶିଳାଭିଶ୍ଚ ପ୍ରହରତଃ ପାଦପୈଶ୍ଚ ସହସ୍ରଶଃ । ।
ସଦେବୀ ନିତ୍ୟଂ ପରିତପ୍ୟ ମାନ । ସ୍ତ୍ୱାମେବ ସୀତେ ତ୍ୟଭିଭାଷମାଣଃ । ।
ଧୃତବ୍ରତୋ ରାଜସୂତୋ ମହାତ୍ମା । ତଥୈବ ଲାଭାୟ କୃତପୟନ୍ତଃ । ।

# ହନୁମାନ ଉପାସନାର ଫଳ

◆ ତ୍ରିନାଥ ଓଝା

ରୁଦ୍ରାବତାର ଶ୍ରୀହନୁମାନଙ୍କୁ ମହାବଳୀ ନାମରେ ସମ୍ବୋଧିତ କରାଯାଇଥାଏ । ସମସ୍ତ ଶକ୍ତି ତଥା ଜ୍ଞାନର ସ୍ୱାମୀ ହୋଇଥିବାରୁ ତାଙ୍କର କୃପା ସର୍ବଦା ଭକ୍ତର ଜୀବନକୁ ସୁଖମୟ କରିଥାଏ । ମଙ୍ଗଳବାର ଦିନଟି ଶ୍ରୀହନୁମାନ ଉପାସନାର ଶୁଭ ଅବସର ଆଣିଥାଏ ଏହି ଦିନ ହନୁମାନଙ୍କ ବିଶେଷ ମନ୍ତ୍ର ଉପାସନା ଦ୍ୱାରା ଅନେକ ଲାଭ ମିଳିଥାଏ । ଶାସ୍ତ୍ରରେ ହନୁମାନଙ୍କ ପାଂଚଟି ମନ୍ତ୍ର ଦ୍ୱାରା ଉପାସନା ନିମନ୍ତେ ବିଧି ଦର୍ଶାଯାଇଛି । ଏହି ମନ୍ତ୍ରର ଉଚ୍ଚାରଣ ଫଳରେ ଗ୍ରହଦୋଷରୁ ମୁକ୍ତି ମିଳିବା ସହିତ ଜୀବନରେ ଶୁଭତା ବିରାଜମାନ କରିଥାଏ । ମଙ୍ଗଳବାର ଦିନ ନିଜର ଆଚାର ଏବଂ ବ୍ୟବହାରରେ ସଂଯମତା ରକ୍ଷା କରି ହନୁମାନଙ୍କ ଭକ୍ତିରେ ନିମଗ୍ନ ରହିବା ଆବଶ୍ୟକ । ଏହି ଦିନ ମନ୍ଦିର ଯାଇ ହନୁମାନଙ୍କ ମୂର୍ତ୍ତିରେ ତେଲ ଓ ସିନ୍ଦୂର ଚଢ଼ାଇ ଗନ୍ଧ କର୍ପୂର, ଅକ୍ଷତ, ଲାଲ ଫୁଲ, ଶ୍ରୀଫଳ ଆଦି ଅର୍ପଣ କରିବା ଆବଶ୍ୟକ । ଏହାପରେ ଆସନରେ ବିରାଜମାନ କରି ଓଁ ବଳସିଦ୍ଧି କାରାୟ ନମଃ, ଓଁ ବଜ୍ରକାୟାୟ ନମଃ, ଓଁ ମହାବୀରାୟ ନମଃ, ଓଁ ରକ୍ଷୋବିଧ୍ୱଂସକାରାୟ ନମଃ, ଓଁ ସର୍ବରୋଗହରାୟ ନମଃ ମନ୍ତ୍ର ଜପ କରିବାର ବିଧି ଅବଲମ୍ବନ କରି ପାରିବେ । ଏହି ମନ୍ତ୍ର ଜପ କରିବା ପରେ ଯଥାସମ୍ଭବ ହନୁମାନ ଚାଳିଶା ପାଠ କରି ହନୁମାନଙ୍କ ଦୀପ ଦ୍ୱାରା ଆରତି କଲେ ସମସ୍ତ ଗ୍ରହଦୋଷ ଦୂର ହୋଇଥାଏ । ମହାବୀର ଶ୍ରୀ ହନୁମାନ ଆମକୁ କଲ୍ୟାଣ କରନ୍ତୁ ଏ ଜଗତକୁ ଆଶୀର୍ବାଦ ଦିଅନ୍ତୁ ଏହା ହିଁ ବଡ଼ ପ୍ରାର୍ଥନା ।

*ଭାଗବତ ଗାଦି ବଡ଼ଦାଣ୍ଡ,*

# ୪ଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲାର ଖରିଆର ରୋଡ୍ ସ୍ଥିତ ପାଳ ରେଷ୍ଟୁରାଂଟରେ ଘରୋଇ ଏଲପିଜି ସିଲିଣ୍ଡରକୁ ବାଣିଜ୍ୟିକ ଉଦ୍ଦେଶ୍ୟରେ ଅବୈଧ ବ୍ୟବହାର କରାଯାଉଥିବା ଅଭିଯୋଗ ଉପରେ ଯୋଗାଣ ବିଭାଗର ଇନଫୋର୍ସମେଂଟ ସ୍କ୍ୱାଡ୍ ଦ୍ୱାରା ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉ ସମୟରେ ଏହି ରେଷ୍ଟୁରାଂଟ ଠାରୁ ମୋଟ ୪ଗୋଟି ଘରୋଇ ଏଲପିଜି ସିଲିଣ୍ଡର ଜବତ କରାଯାଇଛି । ନୂଆପଡ଼ା ଏସିଏସଓ (ମୁଖ୍ୟାଳୟ) ପୂର୍ଣ୍ଣାଶା ଭୋଇ, ସଦର ଏସିଏସଓ ହୃଷିକେଶ ନାଏକ ଏବଂ ନୂଆପଡ଼ା ବ୍ଲକ୍ ଯୋଗାଣ ନିରୀକ୍ଷକ ସୁଭଶ୍ରୀ ଦାସ ଏହି ସ୍କ୍ୱାର୍ଡରେ ସାମିଲ ରହି ଯାଂଚ କାର୍ଯ୍ୟ କରିଥିଲେ । ଯାଂଚ ସମୟରେ ରେଷ୍ଟୁରାଂଟ ମାଲିକଙ୍କ ଦ୍ୱାରା ଘରୋଇ ଏଲପିଜି ସିଲିଣ୍ଡରକୁ ବାଣିଜ୍ୟିକ କାମରେ ବ୍ୟବହାର କରାଯାଉଥିବା ସ୍ପଷ୍ଟ ପ୍ରମାଣ ମିଳିଥିଲା । ନିୟମ ଉଲ୍ଲଂଘନ ହେବାରୁ ସେଗୁଡ଼ିକୁ ଜବତ କରାଯାଇଛି ଏବଂ ମାମଲାର ତଦନ୍ତ ଚାଲିଛି । ପ୍ରଶାସନ ପକ୍ଷରୁ ଏପରି ଅବୈଧ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ପାଇଁ ଆଗାମୀ ଦିନରେ ଅଧିକ ଚଢ଼ାଉ ଜାରି ରହିବ ବୋଲି କୁହାଯାଇଛି । ସମସ୍ତ ହୋଟେଲ ଓ ରେଷ୍ଟୁରାଂଟ ମାଲିକମାନଙ୍କୁ ନିୟମ ଅନୁସାରେ କେବଳ ବାଣିଜ୍ୟିକ ସିଲିଣ୍ଡର ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି ।

# ନେସ୍କୋ ପାୱାର ଏମପ୍ଲୋଇଜ ୟୁନିଅନର ସାଧାରଣ ଅଧିବେଶନ



ଯାଜପୁର(ନିପ୍ର): ଯାଜପୁର ଜିଲ୍ଲା ଫେଡରେସନ ସହ ସହବନ୍ଧିତ ସଙ୍ଗଠନ ନେସ୍କୋ ପାୱାର ଏମପ୍ଲୋଇଜ ୟୁନିଅନ ବାଲେଶ୍ୱର ଗଡ଼ ଭାଙ୍ଗିବା ଆରମ୍ଭ ହେଲା ଯାଜପୁର ମାଟିରୁ ଉତର ଓଡ଼ିଶାରେ ବିଦ୍ୟୁତ ବଂଟନ ଦାୟିତ୍ୱ ନେଇଥିବା ଟିପିଏନ୍ଓଡ଼ିଏଲ୍ ରେ ଏକଦା ବିଦ୍ୟୁତ ଶ୍ରମିକ ମାନଙ୍କ ଦ୍ୱାରା ଆଦୃତ ଏକ ବଳିଷ୍ଠ ସଙ୍ଗଠନ ନେସ୍କୋ ପାୱାର ଏମପ୍ଲୋଇଜ ୟୁନିଅନ, ସାଥି ତାରାକାନ୍ତ ପଟନାୟକଙ୍କ ବିୟୋଗ ପରେ ଏକରକମ ସ୍ଥାଣୁ ପାଲଟି ଯାଇଥିଲା, ସଠିକ ନେତୃତ୍ୱ ଓ ପରିଚାଳନା ଗତ ଅବ୍ୟବସ୍ଥା ଅଭାବରୁ କର୍ମଚାରୀଙ୍କ ସମସ୍ୟା ଦିନକୁ ଦିନ ସମାଧାନ ନ ହୋଇ ପଡିରହିବା, ବାଲେଶ୍ୱର ରେ ଥିବା ନେତୃତ୍ୱ ଓ ଭୁବନେଶ୍ୱର ରେ ଥିବା ଫେଡେରେସନ ର ନେତୃବୃନ୍ଦଙ୍କ ବାରମ୍ବାର ଅବହେଳାରେ ଅତିଷ୍ଠ ହୋଇ ପାଂଚ ଶହରୁ ଅଧିକ ବିଦ୍ୟୁତ ଶ୍ରମିକ ଯେଉଁଥିରେ ୫୦ ଜଣ ରେଗୁଲାର କର୍ମଚାରୀ ଓ ୬୫୦ ଠିକା କର୍ମଚାରୀ ପାୱାର ଏମପ୍ଲୋଇଜ ୟୁନିଅନ ରୁ ଇସ୍ତଫା ପ୍ରଦାନ କରି ସାଥି ଶ୍ରୀକାନ୍ତ ବେହୁରିଆ ଓ ବୈଜଷ୍ଟ ସାଥି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଓଡିଶା ବିଦ୍ୟୁତ କର୍ମଚାରୀ ମହାସଙ୍ଘର ସଦସ୍ୟତା ଗ୍ରହଣ କରିଛନ୍ତି, ବୈଠକରେ ସାଧରଣ ସମ୍ପାଦକ ଅମର କୁମର ପ୍ରତାପ ସିଂ, ଉପସାଧରଣ ସମ୍ପାଦକ ପ୍ରିୟବ୍ରତ ନାୟକ, ଟିପିଏନ୍ଓଡ଼ିଏଲ୍ ଯୋନାଲ ସମ୍ପାଦକ ସାଥି ହରିଶ ଚନ୍ଦ୍ର ଦାସ, ସାଥି ବଟକୃଷ୍ଣ ଜେନା, ସାଥି ପ୍ରଦୀପ କୁମାର ଦାସ, ସାଥି ନିଗମାନନ୍ଦ ରାଉତ, ଭଦ୍ରକ ସାଥି ପ୍ରିୟବ୍ରତ, ସାଥି ବିପ୍ଳବ କେଶରୀ ସାମନ୍ତରାଏ, ସାଥି ବିଜୟ ଭୁଜବଳ, କେନ୍ଦ୍ରୀୟ ଯୁଗ୍ମ ସମ୍ପାଦକ ସାଥି ଦେବାଶିଷ ପ୍ରଧାନ, ଯାଜପୁର ଟାଉନ ସାଥି ଅଭୟ କୁମାର ପଣ୍ଡା, ଭବାନୀ ଶଙ୍କର ଜେନା, ସାଥି ନିତ୍ୟାସୁନ୍ଦର ମହାନ୍ତି, ସାଥି ବିଭୁ ପ୍ରସାଦ ପଣ୍ଡା, ଅମିରୁଦ୍ଦିନ ଖାନ, ସାଥୀ ପ୍ରଭାତ କୁମାର ଶହ, ସାଥୀ ଶୁଭେନ୍ଦୁ କୁମାର ମହାନ୍ତି, ସାଥୀ ବାଦଲ କୁମାର ସାମଲ, ସାଥି ହେମନ୍ତ ନାୟକ, ସାଥି ପ୍ରଭାକର ମଳିକ, ସାଥି ଝୁମର ମଳିକ, ସାଥି ଗୋକୁଳାନନ୍ଦ ମହାପାତ୍ର, ସାଥି ସୁବ୍ରତ କୁମାର ନାୟକ ପ୍ରମୁଖ ମହା ମିଶ୍ରଣ କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ, ଆଜିର ସଭା ସାଥି ସୁରେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱ ରେ ପରିଚାଳିତ ହୋଇଥିଲା, ଯାଜପୁର ଟାଉନ ପାଇଁ ଶ୍ରୀକାନ୍ତ କୁମାର ବେହୁରିଆ ଙ୍କୁ ନୂତନ ଡିଭିଜନ ସମ୍ପାଦକ, ସାଥି ଭବାନୀ ଶଙ୍କର ଜେନାଙ୍କୁ ଯାଜପୁର ସର୍କଲ ସହ ସଙ୍ଘଠନ ସମ୍ପାଦକ ଭାବେ ସର୍ବ ସହମତି କ୍ରମେ ଚୟନ କରାଯାଇଥିଲା ଏବଂ ସାଥି ସୁରେନ୍ଦ୍ର କୁମାର ପାଣିଗ୍ରାହୀ ନନାଙ୍କୁ ସଙ୍ଘଠନ ର ଉତରାଂଚଳ ଶାଖାର ଉପସଭାପତି ଭାବେ ସର୍ବ ସହମତି ସହ ଚୟନ କରାଯାଇଥିଲା, ସାଥି ପ୍ରିୟବ୍ରତ ନାୟକ ସମସ୍ତ ମଂଚ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଓଡ଼ିଆ ପକ୍ଷ ଅବସରରେ ଅମୃତପିଢି ସାରସ୍ୱତ ସମାରୋହ ଓ ବନ୍ଦନୀୟ ବରପୁତ୍ର ଦିବସ ପାଳିତ



କଟକ(ନିପ୍ର): ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଅମୃତପିଢି ସାରସ୍ୱତ ସମାରୋହ ଓ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ସ୍ୱରାଜ ଆଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେ କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଥିଲେ କଟକ ଏକ ଐତିହାସିକ ସହର ଓ ଏହାର ସଂସ୍କୃତି , ପରମ୍ପରା , ଇତିହାସ କୁ ଉଜ୍ଜୀବିତ କରିବାପାଇଁ ଓଡିଆ ପକ୍ଷ ଏକ ସୁନ୍ଦର ଅବସର । ଏଥି ସହ ଉପସ୍ଥିତ ସାହିତ୍ୟିକ ଓ ଅତିଥି ମାନେ ଓଡ଼ିଆ ସାହିତ୍ୟର ଆହୁରି ଅଧିକ ଉନ୍ନତି ନିମନ୍ତେ ପରାମର୍ଶ ଦେବାକୁ କହିଥିଲେ । ସାହିତ୍ୟ ଇତିହାସ ର ବ୍ୟାସକବି ଫକୀରମୋହନ ସେନାପତି, ଗୋପିନାଥ ମହାନ୍ତି ଓ ପ୍ରତିଭା ରାୟ ଙ୍କ ଭଳି ଅନେକ ସାରସ୍ୱତ ସାଧକଙ୍କର ମହତ୍ୱପୂର୍ଣ୍ଣ ଅବଦାନ କୁ ସ୍ମରଣ କରିବା ସହିତ ସାହିତ୍ୟ ମଧ ଜୀବିକା ହୋଇପାରିବ କହି ଉପସ୍ଥିତ ସାହିତ୍ୟ ପ୍ରେମୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏବଂ ଏହି ପବିତ୍ର ଅବସରରେ ସେ ଉପସ୍ଥିତ ରହି ନିଜକୁ ଗର୍ବିତ ଅନୁଭବ କରୁଥିବା ଜିଲ୍ଲାପାଳ ଶ୍ରୀ ଶିନ୍ଦେ ମତ ପ୍ରକାଶ କରିଛନ୍ତି । ଏହି ସମାରୋହରେ ସୂଚନା ଓ ଲୋକସମ୍ପର୍କ କେନ୍ଦ୍ରାଂଚଳ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ବିଶିଷ୍ଟ ସାହିତ୍ୟିକ ଅମରେଶ ପଟ୍ଟନାୟକ, ବିଶିଷ୍ଟ କବି ଓ ମୁଖ୍ୟ ଅତିଥି ଧନଞ୍ଜୟ ସ୍ୱାଇଁ, ବିଶିଷ୍ଟ କବି ଓ ସାହିତ୍ୟିକ ସୁରେଶ ନାୟକ ଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ସମାରୋହରେ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ସାହିତ୍ୟିକ ଯୋଗ ଦେଇ କବିତା ପାଠ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୋନାଲି କୁଣ୍ଡ ଓ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡଙ୍ଗୀ ସଭା ପରିଚାଳନା କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ଦୀପ୍ତି ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି

ତାଳଚେର/ଅନୁଗୁଳ(ନିପ୍ର): ଅନୁଗୁଳ ଜିଲ୍ଲା ର ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ପାଲଲହଡା ବିଧାୟକ ଅଶୋକ ମହାନ୍ତିଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି । ପାଲଲହଡା ବିଧାୟକ ଅଶୋକ ମହାନ୍ତି ୧୯୮୩ ମସିହାରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ର ଛାତ୍ର ନେତା ଭାବେ କାର୍ଯ୍ୟ କରି ଆସିଛନ୍ତି । ପରବର୍ତୀ ସମୟରେ ବିଜେପି ର ବହୁ ପଦ ପଦବୀ ରେ ରହି ସଂଗଠନ କୁ ସୁଦୃଢ଼ କରିଛନ୍ତି । ଅନୁଗୁଳ ଜିଲ୍ଲା ର ୩ ଥର ବିଜେପି ର ସଭାପତି ଭାବେ କାର୍ଯ୍ୟ କରି ବିଜେପି ସଂଗଠନ କୁ ମଜବୁତ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ପାଲଲହଡା ବିଧାୟକ ଭାବେ ନିର୍ବାଚିତ ହେବା ପରେ ବିଭିନ୍ନ କମିଟି ରେ ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି । ସେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡ଼ା. ଦେବେନ୍ଦ୍ର ପ୍ରଧାନଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଅନୁଗାମୀ ଭାବେ ବହୁ ବର୍ଷ ଧରି କାର୍ଯ୍ୟ କରିଚନ୍ତି । ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସାଂସଦ ରୁଦ୍ର ନାରାୟଣ ପାଣି ଙ୍କର ଘନିଷ୍ଠ ସହଯୋଗୀ । ତାଙ୍କୁ ରାଜ୍ୟ ସରକାର ଅନୁଗୁଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନ୍ୟସ୍ତ କରିଥିବାରୁ ସମଗ୍ର ଅଂଚଳ ରେ ତଥା ଜିଲ୍ଲାରେ ଖୁସି ର ମାହୋଲ ଖେଳି ଯାଇଛି । ଶ୍ରୀଯୁକ୍ତ ମହାନ୍ତି ଆସନ୍ତା ଏପ୍ରିଲ ୧୫ ବୁଧବାର ଦିନ ସକାଳ ନଅ ଟାରେ ବିଧିବଦ୍ଧ ଭାବେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ରେ ଦାୟିତ୍ୱ ଗ୍ରହଣ କରିବେ ବୋଲି. ଜିଲ୍ଲା ମିଡ଼ିଆ ସେଲ ପକ୍ଷରୁ ପ୍ରକାଶ କରାଯାଇଛି ।

# ଜିଲ୍ଲା ପ୍ରଶାସନ ଆହ୍ୱାନ କ୍ରମେ ସ୍ୱଚ୍ଛତା ଅଭିଯାନ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ପ୍ରଶାସନ ଆହ୍ୱାନ କ୍ରମେ ଖଡିଆଳ ଏନ୍ ଏ ସି ରେ ୱାର୍ଡ ପରିମଳ ୱାର୍ଡ ମୁଣ୍ଡରୁ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଆଜି ଜିଲ୍ଲାର ପ୍ରାଚୀନ ହାଇସ୍କୁଲ ରାଜା ଆର୍ତତ୍ରାଣ ହାଇସ୍କୁଲ୍ ପଡିଆ କୁ ସଫେଇ କରିଛନ୍ତି । ସଫେଇ ବେଳେ ହାଇସ୍କୁଲ ପଡିଆ ମଧ୍ୟରେ ୨ ହଜାର ରୁ ଉର୍ଦ୍ଧ ମଦ ବୋତଲ ସଂଗ୍ରହ କରିଥିବା ବେଳେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ପାଇଁ ସ୍କୁଲ ପ୍ରଶାସନକୁ ଅନୁରୋଧ କରିଛନ୍ତି । ସ୍କୁଲ ପଡିଆରେ ପ୍ରାତଃ ଏବଂ ସନ୍ଧ୍ୟା ଭ୍ରମଣ କରୁଥିବା ବେଳେ ଏଠାରେ ସୁରକ୍ଷା ନେଇ ପ୍ରଶ୍ନ ସୃଷ୍ଟି ହେଉଛନ୍ତି । ତେଣୁ ଏନ୍ ଏ ସି ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା ଯୋଗ ଦେଇ ସ୍କୁଲ ପଡ଼ିଆ ରେ ଆଲୋକ ବ୍ୟବସ୍ଥା, ପଡିଆ ରେ ଥିବା ମୁଖ୍ୟ ଦୁଇ ଫାଟକ କୁ ନିର୍ଦ୍ଧାରିତ ସମୟ ରେ ବନ୍ଦ କରିବା, ସି ସି ଟିଭି କେମେରା ଲଗାଇବାକୁ ଆହ୍ୱାନ କରିଛନ୍ତି । ଜିଲ୍ଲା ପ୍ରତିନିଧି ରୂପେ ଉପ କମିଶନର ରବୀନ୍ଦ୍ର କୁମାର ବାର୍ଲା ଯୋଗ ଦେଇଥିଲେ । ସ୍ୱଚ୍ଛ ସାଥୀ, ବିଜ୍ଞାପିତ ଅଂଚଳ ପରିଷଦ ର ସମସ୍ତ କର୍ମଚାରୀ ମାନେ ଯୋଗ ଦେଇଥିଲେ ।

# ନନ୍-କ୍ୟାଡ଼ର ପବ୍ଲିକ ପ୍ରୋସିକ୍ୟୁଟରଙ୍କ ତାଲିମ କାର୍ଯ୍ୟକ୍ରମ ଆୟୋଜିତ




ଯାଜପୁର(ନିପ୍ର): ଯାଜପୁର ଜିଲ୍ଲାର ନନ୍-କ୍ୟାଡ଼ର ପବ୍ଲିକ ପ୍ରୋସିକ୍ୟୁଟରମାନଙ୍କ ପାଇଁ ଦୁଇ ଦିନିଆ ଇଣ୍ଡକ୍ସନ ଏବଂ ରିଫ୍ରେସର ଟ୍ରେନିଂ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଓଡ଼ିଶା ସରକାରଙ୍କ ଆଇନ ବିଭାଗ ଦ୍ୱାରା ପବ୍ଲିକ ପ୍ରୋସିକ୍ୟୁଟର ନିର୍ଦ୍ଦେଶାଳୟ ସହଯୋଗରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏହି ତାଲିମ କାର୍ଯ୍ୟକ୍ରମ ଏପ୍ରିଲ ୧୧ ଏବଂ ୧୨ ତାରିଖ ଦୁଇ ଦିନ ଧରି ଆୟୋଜିତ ହୋଇଛି । ଭାରତୀୟ ନ୍ୟାୟ ସଂହିତାରେ ସଂଶୋଧନ ଏବଂ ଏହାର ପ୍ରଭାବ, ପୁରୁଣା ଓ ନୂଆ କ୍ରିମିନାଲ ଆଇନ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ, ନୂଆ କ୍ରିମିନାଲ ଆଇନ, ଫରେନସିକ୍ସ, ପବ୍ଲିକ ପ୍ରୋସିକ୍ୟୁଟରଙ୍କ ଭୂମିକା ଓ ଦାୟିତ୍ୱ, ନୂତନ ଆଇନରେ ପୀଡ଼ିତ କୈନ୍ଦ୍ରିକ ଜାମିନ ଇତ୍ୟାଦି ବିଷୟରେ ତାଲିମ ଦିଆଯାଉଛି । ତାଲିମ ଶିବିରର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମାଲ୍, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଏସପି ଶିତିକଣ୍ଠ କାନୁନଗୋ, ପବ୍ଲିକ ପ୍ରୋସିକ୍ୟୁଟର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ଜନ୍ମେଞ୍ଜୟ ପଲେଇ, ପ୍ରୋସିକ୍ୟୁସନ୍ ଉପନିର୍ଦ୍ଦେଶକ ଶ୍ରୀମତୀ ରଶ୍ମିତା ମହାପାତ୍ର, ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ସୁବ୍ରତ ମହାନ୍ତି, ଅବସରପ୍ରାପ୍ତ ପବ୍ଲିକ ପ୍ରୋସିକ୍ୟୁଟର ଶରତ ଚନ୍ଦ୍ର ପ୍ରଧାନ, ପବ୍ଲିକ ପ୍ରୋସିକ୍ୟୁଟର ମୋନାଲି ରାଇସା, ଆଡିସନାଲ ପି ପି, ବିପ୍ଳବ କୁମାର ମୁଦୁଲି, ଆଡିସନାଲ ପି ପି ସୌମ୍ୟାଶ୍ରୀ ସ୍ୱାଇଁ, ସହକାରୀ ନିର୍ଦ୍ଦେଶକ ପ୍ରତିମା ଓଝା, ସହକାରୀ ନିର୍ଦ୍ଦେଶକ ହିନ୍ଦୁ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ନବନିଯୁକ୍ତ ଅଧିକାରୀମାନେ ଯୋଗ ଦେଇ ତାଲିମ ନେଇଥିଲେ ।

# 'ମୁଣ୍ଡାରୀ ବିଦ୍ୟାଳୟର ସୁଦୃଢ଼ୀକରଣ ପାଇଁ ଗ୍ରାମବାସୀଙ୍କ ବୈଠକ' ଅନୁଷ୍ଠିତ



ଖୁଂଟା(ନିପ୍ର): ମୁଣ୍ଡାରୀ ଭାଷାର ସାମାଜିକ ଓ ସାମ୍ବିଧାନିକ ସ୍ୱୀକୃତି ହାସଲ କରିବା ଏବଂ ମୁଣ୍ଡାରୀ ଭାଷାର ସମ୍ମାନର ସୁରକ୍ଷା ନିମନ୍ତେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ତରଫରୁ ମୁଣ୍ଡାରୀ ବିଦ୍ୟାଳୟ ଖୋଲାଯାଇ ପ୍ରତ୍ୟେକ ରବିବାର ମୁଣ୍ଡାରୀ ଭାଷାରେ ଶିକ୍ଷାଦାନ କରାଯାଉଛି । ବଡ଼ସାହି ବ୍ଲକ ଅନ୍ତର୍ଗତ ଯଦୁନାଥପୁର ଗ୍ରାମପଂଚାୟତର ଚନ୍ଦନଚତୁରି ସ୍ଥିତ ଉଲଗୁଲାନ୍ ମୁଣ୍ଡାରୀ ବିଦ୍ୟାଳୟରେ ଗ୍ରାମବାସୀ ମାନଙ୍କୁ ନେଇ ଏକ ଗ୍ରାମସଭା ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବୈଠକରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ପର୍ଯ୍ୟବେକ୍ଷକ ଶଶିଧର ସିଂ ସଭାପତିତ୍ୱ କରିଥିଲେ । ଉକ୍ତ ବୈଠକ ରେ ଉପସ୍ଥିତ ବକ୍ତା ମାନେ ମତ ପ୍ରକାଶ କରିଥିଲେ କି ମୁଣ୍ଡାରୀ ବିଦ୍ୟାଳୟର ସୁଦୃଢ଼ୀକରଣ ନିମନ୍ତେ ଗ୍ରାମବାସୀମାନଙ୍କର ସହଯୋଗ ଆବଶ୍ୟକ । ଗ୍ରାମର ସମସ୍ତ ପିଲାମାନଙ୍କୁ ଉକ୍ତ ମୁଣ୍ଡାରୀ ବିଦ୍ୟାଳୟରେ ନାମ ଲେଖାଇ ପ୍ରତ୍ୟେକ ରବିବାର ପାଠ ପଢିବା ପାଇଁ ପଠାଇବା, ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ମୁଣ୍ଡାରୀ ଭାଷାର ବାର୍ଷିକ ପରୀକ୍ଷାରେ ଅଂଶ ଗ୍ରହଣ କରି ପ୍ରମାଣପତ୍ର ହାସଲ କରିବାକୁ ପରାମର୍ଶ ଦିଆଯାଇଛି । ଏହି ମୁଣ୍ଡାରୀ ବାନି ବିଦ୍ୟାଳୟ ଗୁଡ଼ି କରେ ପଢା ଯାଉଥିବା ପାଠ୍ୟ କ୍ରମରେ, ମୁଣ୍ଡା ସମ୍ପ୍ରଦାୟ ର ସଂସ୍କୃତି, ପରମ୍ପରାକୁ ଗୁରତ୍ୟ ଦିଆ ଯାଇଛି । ଏଣୁ ଏହା ସମସ୍ତଙ୍କ ପଢିବା ଏବଂ ଶିଖିବା ର ଅତନ୍ତ୍ୟ ଜରୁରୀ ବୋଲି ସମସ୍ତେ ମତ ଦେଇ ଥିଲେ । ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ହାସଲ ନିମନ୍ତେ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିବା । ଚଳିତବର୍ଷ ହେବାକୁ ଥିବା ଜନଗଣନାରେ ଜାତି, ମାତୃଭାଷା ଏବଂ ଧର୍ମ ସମ୍ବନ୍ଧରେ ସଠିକ ତଥ୍ୟ ପ୍ରଦାନ କରିବା । ଗଣନାକାରୀଙ୍କୁ ମାତୃଭାଷା 'ମୁଣ୍ଡାରୀ' ବୋଲି ଲିପିବଦ୍ଧ କରାଇବା । ମୁଣ୍ଡାରୀ ବିଦ୍ୟାଳୟ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା । ଗ୍ରାମବାସୀଙ୍କ ସର୍ବସମ୍ମତିକ୍ରମେ କୁଞ୍ଜଲତା ସିଂଙ୍କୁ ମୁଣ୍ଡାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାବରେ ଚୟନ କରି ଦାୟିତ୍ୱ ଅର୍ପଣ କରାଗଲା । ଏହି ଅବସରରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର କେନ୍ଦ୍ରୀୟ ଆବାହକ ବିରବଲ ସିଂ, ସାଧାରଣ ସମ୍ପାଦକ ଙ୍ଗ ସୁନାରାମ ସିଂ, ମୁଣ୍ଡାରୀ ଶିକ୍ଷା ପରିଷଦର ସଂପାଦକ ବୁଧିଆ ସିଂ, ଶ୍ୟାମାଖୁଂଟା ବ୍ଲକ ୪୯ ନମ୍ବର ଜୋନ୍ ରେ ଜିଲ୍ଲାପରିଷଦ ସଦସ୍ୟ ମଧୁସୂଦନ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମ କୁ ଇଁ ସମନାଥ ସିଂ, ଯଦୁନାଥ ପୁର ନାଏବ ସରପଂଚ ଶ୍ରୀକାନ୍ତ ସିଂ, ଗଣେଶ୍ୱର ସିଂ, ଶୁଭ ମଣି ସିଂ, ବୁଧୁନି ସିଂ ତଥା ସି. ବି. ଏଲ. ଯୁବକ ସଙ୍ଘ ର ସମସ୍ତ କର୍ମକର୍ତା ମାନେ ସହଯୋଗ କରିଥିଲେ ।

# କୈବର୍ତ ସଙ୍ଗଠନ ପକ୍ଷରୁ ଚଇତିପର୍ବର ଉଦ୍ଯାପନୀ ସନ୍ଧ୍ୟା



କଟକ(ନିପ୍ର): ଖାନନଗର ମହାନଗର କୈବର୍ତ ସମାଜ ଆନୁକୂଲ୍ୟରେ ପାଇକ ସାହିସ୍ଥିତ ମା ବାସେଳି ପଡ଼ିଆଠାରେ ମହା ସମାରୋହରେ ଚଇତି ଉତ୍ସବ ଅନୁଷ୍ଠିତ ହେଉଅଛି । ଏହି କାର୍ଯ୍ୟକ୍ରମ ତିନିଦିନ ବ୍ୟାପୀ କରାଯିବ । ପ୍ରଥମ ଦିନ ଉଦ୍ଘାଟନ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା । ଦ୍ୱିତୀୟ ଦିନ, ମା ବାସେଳି ଠାକୁରଙ୍କ ନଗର ପରିକ୍ରମା, ତୃତୀୟ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଉଦଯାପନୀ ଉତ୍ସବ ହେବ । ଏହି କାର୍ଯ୍ୟକ୍ରମରେ ସଭାପତି କୁଶ ସାହୁ, କାର୍ଯ୍ୟକାରୀ ସଭାପତି ଅବିନାଶ କୁମାର ବେହରା, ସମ୍ପାଦକ ଭୈରବ ଚନ୍ଦ୍ର ବେହେରା, ସଂଗଠନ ସମ୍ପାଦକ ସୌମ୍ୟରଞ୍ଜନ ବେହେରା ଏବଂ ଅନ୍ୟାନ୍ୟ ସଦସ୍ୟ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଯାଇ ଥିବା ବେଳେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବିଧାୟକ ଶଶୀଭୂଷଣ ବେହେରା ଯୋଗଦେଇ କେଉଟ ମାନଙ୍କ ଜାତି ସସ୍କୃତି ଓ ପରମ୍ପରା ସଂପର୍କରେ ଆଲୋକ ପାତ କରିଥିଲେ ଏବଂ ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା

# ନୀଳଗିରି ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ: ଉଚ୍ଚସ୍ତରୀୟ ତଦନ୍ତ ଦାବିକଲେ ପରିବାର

ନୀଳଗିରି (ନି.ପ୍ର) ନୀଳଗିରି ଜେଲରେ ହତ୍ୟା ଅଭିଯୋଗରେ ଥିବା ବିଚାରଧୀନ କଏଦୀ ଙ୍କ ହଠାତ୍ ଆଜି ମୃତ୍ୟୁ ହୋଇଥିବାନେଇ ଅଂଚଳରେ ଚାଂଚଲ୍ୟ ଖେଳିଯାଇଛି । ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ପାଇକପଡା ଅନ୍ତର୍ଗତ ତୋଟାପଡ଼ା ଗ୍ରାମର ୱଅନାମ ନାଏକ ପୁଅ ଶ୍ରୀକାନ୍ତ ନାଏକ (୪୦) ଗତ ୨୦୨୧ମସିହା ଜୁନ୧୯ ତାରିଖରେ ଏକ ହତ୍ୟା ମାମଲାରେ ଗିରଫ ହୋଇଥିଲେ । ଏନେଇ ଔପଦା ଥାନାରେ ୪୩/୨୧ରେ ମାମଲା ରୁଜୁହୋଇ ବାଲେଶ୍ୱର ଜେଲରେ ବିଚରାଧୀନ ବନ୍ଦୀ ଭାବରେ ରହିଥିଲେ । ତେବେ ଏହି ଘଟଣାରେ ଶ୍ରୀକାନ୍ତଙ୍କୁ ଭାରତୀୟ ପିଙ୍ଗଳକୋଡ୍ ୩୦୨ ଦଫାରେ ବିଚାରଧୀନ କଏଦୀ ଭାବରେ ମାମଲା ଚାଲୁଥିବା ବେଳେ ଗତ ୮/୧୦/୨୫ ରେ ନୀଳଗିରି ଜେଲକୁ ସ୍ଥାନାନ୍ତର ହୋଇ ଆସିଥିଲେ । ତେବେ ଆଜି ଅପରାହ୍ନ ପ୍ରାୟ ୨.୫୦ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଏବଂ ଦେହହାତ ଥରିବାରୁ ଜେଲ କତୃପକ୍ଷ ନୀଳଗିରି ମେଡିକାଲକୁ ଆଣିଥିବା ଜେଲର ସୂପକ କୁମାର ନାୟକ ସୂଚନା ଦେଇଛନ୍ତି ।ମାତ୍ର ହସ୍ପିଟାଲ ପହଂଚିବାପୂର୍ବରୁ ତାଙ୍କର ମୃତ୍ୟୁ ହୋଇସାରିଥିବା ଡାକ୍ତର ସୂଚନା ଦେଇଛନ୍ତି ।ମୃତକ ଶ୍ରୀକାନ୍ତଙ୍କ ପରିବାରର ମାଆ, ପତ୍ନୀ ଓ ଝିଅ ନୀଳଗିରିରେ ପହଂଚି ମୃତ୍ୟୁକୁ ସହଜରେ ଗ୍ରହଣକରିନଥିବା ବେଳେ ଉଚ୍ଚସ୍ତରୀୟ ତଦନ୍ତ ଦାବିକରିଛନ୍ତି । ଆସନ୍ତାକାଲି ମୃତକଙ୍କ ଶବବ୍ୟବଚ୍ଛେଦ ହେବବୋଲି ପୋଲିସ ସୂଚନା ଦେଇଛି । ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପୋଷ୍ଟମଟମ୍ ରିପୋର୍ଟ ଆସିଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ । ମାତ୍ର ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ଉପୁଜିଥିବା ବେଳେ ଜେଲକର୍ତ୍ତୃପକ୍ଷ ସଠିକ ସମୟରେ କୟଦୀ ମାନଙ୍କର ସ୍ୱାସ୍ଥ୍ୟପରୀକ୍ଷା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସୁଚାରୁରୂପେ ସମ୍ପାଦନା କଲେ ଏଭଳି ଅଭାବନୀୟ ପରିସ୍ଥିତି ଉପୁଜିନଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି ।ଉଚ୍ଚସ୍ତରୀୟ ତଦନ୍ତ ପାଇଁ ପରିବାର ପକ୍ଷରୁ ଦାବୀ କରିଛନ୍ତି ।

# ସୈତାନ ସାଜିଲା ମାଆ, ଦୁଇ ଶିଶୁ ଙ୍କୁ ପନଖି ଏବଂ ଟାଙ୍ଗିଆରେ ହାଣି ହତ୍ୟା

ଝାରସୁଗୁଡା(ନି.ପ୍ର.), ବିମାନ ବନ୍ଦର ଥାନା ଓରାମ ପଡା ଠାରେ ଶନିବାର ବିଳମ୍ବିତ ରାତ୍ରି ରେ ଏକ ହୃଦୟ ବିଦାରକ ଘଟଣା ଘଟିଛି । ଜଣେ ରାକ୍ଷସୀ, ସୈତାନ ମାଁ ସ୍ୱାମୀ ସ୍ତ୍ରୀ କଳି ର ରାଗ ସୁଝାଇବା ପାଇଁ ନିଜର ଦୁଇ ଜଣ ନିଷ୍ପାପ ଶିଶୁ ଙ୍କୁ ପନଖି ଏବଂ ଟାଙ୍ଗିଆ ରେ ହାଣି ହତ୍ୟା କରିଛି ।ଘଟଣା ଅନୁସାରେ ଅଭିଯୁକ୍ତା ରଂଜିତା ଓରାମ ନିଜ ର ସ୍ୱାମୀ ସୀତାରାମ ଓରାମ ଙ୍କ ସହିତ ଝାରସୁଗୁଡା ବିମାନ ବନ୍ଦର ଥାନା ନିକଟରେ ଥିବା ଓରାମ ପଡା ରେ ରହି ଆସୁଥିଲେ ।ରଂଜିତା ସବୁବେଳେ ସ୍ୱାମୀ ସୀତାରାମ ଙ୍କୁ ଅନ୍ୟ ସ୍ତ୍ରୀ ସହିତ ସମ୍ପର୍କ ଥିବା ନେଇ ସନ୍ଦେହ କରୁଥିଲେ ଏବଂ ନିଜ ସହିତ ଦୁଇ ଶିଶୁ ଙ୍କୁ ମାରିଦେବା ପାଇଁ ସ୍ୱାମୀ ଙ୍କୁ ଧମକ ଦେଉଥିଲେ ।ଘଟଣା ର ପୂର୍ବଦିନ ରଂଜିତା ଏବଂ ସୀତାରାମ ଙ୍କ ମଧ୍ୟରେ କଳି ଝଗଡା ହୋଇଥିଲା ।ଶନିବାର ରାତି ପ୍ରାୟ ୧୧.୩୦ ସମୟ ରେ ରଂଜିତା ଶୌଚ ଯିବାପାଇଁ ସ୍ୱାମୀ ସୀତାରାମ ଙ୍କୁ ଉଠାଇଥିଲା ।ସୀତାରାମ ଘର ର କବାଟ ଖୋଲି ବାହାର କୁ ବାହାରି ପଡିବା ପରେ ରଂଜିତା ପଛପଟୁ କବାଟ ବନ୍ଦ କରିଦେଇଥିଲା ।ଭିତରେ ଥିବା ପନଖି ଏବଂ ଟାଙ୍ଗିଆ ରେ ୧୦ ବର୍ଷ ର ଝିଅ ଜିଂଜ୍ଞାସା ଓରାମ ଏବଂ ୫ ବର୍ଷ



ର ପୁଅ ବିହାଂଶୁ ଓରାମ ଙ୍କୁ ପନଖି ଏବଂ ଟାଙ୍ଗିଆ ରେ ନିର୍ମମ ଭାବେ ହାଣି ହତ୍ୟା କରିଥିଲା ଏବଂ ନିଜ କୁ ମଧ୍ୟ କ୍ଷତାକ୍ତ କରିଥିଲା ।ଏପଟେ ସ୍ୱାମୀ ସୀତାରାମ ଯେତେ ଡାକିଲେ ମଧ୍ୟ ରଞ୍ଜିତା କବାଟ ନ ଖୋଲିବାରୁ ନିଜ ବଡଭାଇ ଙ୍କୁ ଡାକି ପଛପଟ ଝରକା କୁ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ ।ସେତେବେଳେ କୁ ଝିଅ ଜିଂଜ୍ଞାସା ମରି ସାରିଥିବା ବେଳେ ପୁଅ ବିହାଂଶୁ ମଧ୍ୟ ଅତ୍ୟନ୍ତ ଗୁରୁତର ହୋଇ ସାରିଥିଲା ।ସୀତାରାମ ଙ୍କ ବଡ ଭାଇ ପୋଲିସ କୁ ଖବର ଦେଲା ପରେ ପୋଲିସ ସହାୟତା ରେ ଦୁଇଟି ଆମ୍ବୁଲାନ୍ସ ଯୋଗେ ସମସ୍ତ ଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ନିଆଯାଇଥିଲା ।ସେଠାରେ ଡାକ୍ତର ଉଭୟ ଶିଶୁ ଙ୍କୁ ମୃତ ଘୋଷଣା କରିଥିବା ବେଳେ ଅଭିଯୁକ୍ତା ରଂଜିତା ଙ୍କୁ ଭର୍ତି କରାଯାଇଛି ।ସ୍ଥାନୀୟ ଲୋକ ଙ୍କ କହିବା ଅନୁଯାୟୀ ସ୍ୱାମୀ ସ୍ତ୍ରୀ ଙ୍କ କଳି ଏବଂ ସ୍ତ୍ରୀ ର ସ୍ୱାମୀ ଉପରେ ସନ୍ଦେହ ହିଁ ଘଟଣା ର ମୁଖ୍ୟ କାରଣ ବୋଲି କୁହାଯାଇଛି ।ଅନ୍ୟପଟେ ଝାରସୁଗୁଡା ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଙ୍କ ସହିତ ସାଇ[ଫିକ ଟିମ ମଧ୍ୟ ଘଟଣା ସ୍ଥଳ ରେ ପହଂଚି ତଦନ୍ତ କାର୍ଯ୍ୟ ଚଳାଇଛନ୍ତି ।

# ଜିଲ୍ଲାରେ 'ଓଡ଼ିଆ ପକ୍ଷ' ପାଳନ ଅବସରରେ ବନ୍ଦନୀୟ ବରପୁତ୍ର ଅନୁଷ୍ଠିତ

ଝାରସୁଗୁଡ଼ା,(ନି.ପ୍ର) ଓଡ଼ିଆ ଜାତିର ସ୍ୱାଭିମାନ, ଅସ୍ମିତା ଓ ସମୃଦ୍ଧ ସଂସ୍କୃତିର ମୂଳଦୁଆ ପକାଇଥିବା ବରପୁତ୍ରମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ 'ଓଡ଼ିଆ ପକ୍ଷ' ଅବସରରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂସ୍କୃତି ଭବନ ପରିସରରେ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ ମାଧ୍ୟମରେ ପୂର୍ବଜଙ୍କ ବୀରଗାଥା ଓ ତ୍ୟାଗକୁ ମନେ ପକାଯିବା ସହ ଏକ ସଶକ୍ତ ଓଡ଼ିଶା ଗଠନ ପାଇଁ ଶପଥ ଗ୍ରହଣ କରାଯାଇଛି । ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିବସକୁ ଜିଲ୍ଲାରେ 'ବନ୍ଦନୀୟ ବରପୁତ୍ର' ଦିବସ ଭାବେ ପାଳନ କରାଯାଉଛି । ଓଡ଼ିଶାର ମାଟି, ଭାଷା ଏବଂ ସଂସ୍କୃତିର ଗୌରବମୟ ପରିଚୟ ଗଢ଼ିବାରେ ନିଜକୁ ଉତ୍ସର୍ଗ କରିଥିବା ମନୀଷୀମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ।



ସେମାନଙ୍କ ଅତୁଳନୀୟ ସାହସ ଓ ନିଷ୍ଠା ଆଜିର ଯୁବପିଢ଼ି ପାଇଁ ପ୍ରେରଣାର ଅକ୍ଷୟ ଶକ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ବିଶେଷ କରି କାର୍ଯ୍ୟକ୍ରମରେ କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରି ପରିବେଶକୁ ସାହିତ୍ୟମୟ କରିଥିଲେ । ଉକ୍ତ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ହରେକୃଷ୍ଣ ବରିହା, ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ପୂର୍ବତନ ଅଧାପକ ରୋହିତ କୁମାର ପଟେଲ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟା ଡ଼. ଶିବପ୍ରିୟା ମିଶ୍ର, ସୁରଙ୍ଗ ପଧାନ, ଉପ ସଭାପତି, ଜିଲ୍ଲା କଳା ସଂସ୍କୃତି ସଂଘ, ଝାରସୁଗୁଡା, ଡ଼. ସ୍ୱର୍ଣ୍ଣମୟୀ ପୁରୋହିତ, ଅଧାପିକା ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ, ଝାରସୁଗୁଡା ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ଓ ସାହିତ୍ୟାନୁରାଗୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଛି ।

# ସ୍ୱର୍ଗତ ଗଦାଧର ଗିରିଙ୍କ ୮୯ତମ ଜନ୍ମ ବାର୍ଷିକୀ ପାଳିତ

ବାଲିଆପାଳ,(ନି.ପ୍ର)ରବିବାର ଅପରାହ୍ନରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଲତାଯୋଡ଼ି ଏକଲବ୍ୟ ଯୁକ୍ତ ଦୁଇ ବିଜ୍ଞାନ ଆବାସିକ କୋଚିଙ୍ଗ ସେ[ର ପରିସରରେ ଗଦାଧର ଗିରି ସ୍ମୃତି ବିକାଶ ପରିଷଦ ପକ୍ଷରୁ ସ୍ୱର୍ଗତ ଗଦାଧର ଗିରିଙ୍କ ୮୯ତମ ଜନ୍ମ ବାର୍ଷିକୀ ପାଳିତ ହୋଇଯାଇଛି । ଏହି ଅବସରରେ ପରିଷଦର ସଭାପତି ଧୀରେନ୍ଦ୍ର ନାଥ ହାଜିରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଗଦାଧର ଗିରି ସ୍ମୃତି ବିକାଶ ପରିଷଦର ଆବାହକ ବିକାଶ ଗିରି ପରିଚାଳନା କରିଥିଲେ ।



ନଳିନୀ ପାଢ଼ୀ, ବୈରାଗୀ ଦାସ, ଭକ୍ତ ଚରଣ ଦାସ, ବିଦ୍ୟାଧର ପରିଡା, ବଳରାମ ଦାସ, କୁମୁଦ ରଞ୍ଜନ ପରିଡା, ପୂର୍ଣଚନ୍ଦ୍ର ସାମନ୍ତରାୟ, ଗଣେଶ ବେହେରା, ବଂଶୀଧର ରାଉଳ, ବନମାଳୀ ରାଉଳ, ମାଧବ ଚନ୍ଦ, ଲକ୍ଷ୍ମୀଧର ଜେନା,ନାରାୟଣ ଜେନା, ସୃଷ୍ଟିଧର ନାୟକ, ବସନ୍ତ ପ୍ରଧାନ, ମନୋଜ ପରିଡ଼ା, ବିଶ୍ୱନାଥ ଗିରି, ସୃଷ୍ଟିଧର ପଢ଼ିଆରୀ,ଚିତରଞ୍ଜନ ପାତ୍ର ପ୍ରମୁଖ ବ୍ୟକ୍ତି ବିଶେଷ ଯୋଗଦେଇ ବକ୍ତବ୍ୟ ରେ କହିଥିଲେ ସ୍ୱର୍ଗତ ଗଦାଧର ଗିରି ଏକ ଧାରରେ ବାଲିଆପାଳ ଅଂଚଳ ଜନନାୟକ, ଦକ୍ଷିଣ ବାଲିଆପାଳ ଘାଟି ଆନ୍ଦୋଳନର ମୁଖ୍ୟ ପୁରୁଧା ସାଜି ବାଲିଆପାଳ ରୁ କ୍ଷେପଣାସ୍ତ୍ର ଘାଟିକୁ ହଟାଇ ଥିବା ବେଳେ ତତ୍କାଳୀନ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଧାୟକ ଭାବରେ ବାଲିଆପାଳ ଅଂଚଳର ବହୁ ଜନ ହିତକର କାର୍ଯ୍ୟ କରି ସମସ୍ତଙ୍କର ଅତି ପ୍ରିୟ ହୋଇପାରିଥିଲେ ।

# ମହାତ୍ମା ଜ୍ୟୋତି ରାଓ ଫୁଲେଙ୍କ ଜୟନ୍ତୀ ପାଳନ

ବ୍ରହ୍ମପୁର (ନି.ପ୍ର.): ମହାତ୍ମା ଜ୍ୟୋତି ରାଓ ଫୁଲେ ଙ୍କ ଜୟନ୍ତିରେ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟ ପୂଜା ସମିତି ପକ୍ଷରୁ ସ୍ଥାନୀୟ ବିଜିପୁର କମ୍ୟୁନିଟି ହଲ୍ ଠାରେ ଏକ ସ୍ମରଣ ସଭା ଅନୁଷ୍ଠିତ ହୋଇଯାଇଛି କ୍ଷ ମହିଳାଙ୍କ ଉତ୍ଥାନ ଓ ଦଳିତ ଆନ୍ଦୋଳନରେ ଜ୍ୟୋତି ରାଓ ଫୁଲେଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେ ଆନ୍ଦୋଳନ ଦ୍ୱାରା ମହିଳାଙ୍କର ସାମାଜିକ ସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମ କରିଥିଲେ । ସେ ମହିଳାଙ୍କ ଶିକ୍ଷା, ସ୍ୱାଧୀନତା, ଏବଂ ସାମାଜିକ ନ୍ୟାୟ ପାଇଁ ଯଥେଷ୍ଟ ପ୍ରଚେଷ୍ଟା କରିଥିଲେ, ଯାହା ଦଳିତ ସମାଜ ପ୍ରତି ଦୃଢ଼ ଆଦର ଏବଂ ସମ୍ମାନ ଆଣିଥିଲା । ଏଥି ସହ ସେ ଦଳିତ ସମାଜର ସ୍ଥିତିକୁ ନେଇ ଅଧିକ ସାମାଜିକ ଏବଂ ଆର୍ଥିକ ସୁଧାର ପାଇଁ ପ୍ରଚେଷ୍ଟା କରିଥିଲେ ।



ତାଙ୍କର କାର୍ଯ୍ୟ ସାମାଜିକ ସମତା, ମହିଳା ଉ□ାନ ଏବଂ ଦଳିତ ସମାଜର ସଶକ୍ତିକରଣରେ ଏକ ଦୃଢ଼ ଉଦାହରଣ ହେବା ସହ ସତ୍ୟ ସୋଧକ ସମାଜ ପ୍ରତିଷ୍ଠା କରି ଆଜିର ଭାରତରେ ସେ ଆନ୍ଦୋଳନ ଓ ସାମାଜିକ ସୁଧାର କ୍ଷେତ୍ରରେ ଏକ ପ୍ରେରଣାର ଉତ୍ସ ଭାବେ ସଦା ପୂଜ୍ୟ ହୋଇ ରହିବେ କ୍ଷ ଆଜି ପୂଜ୍ୟ ପୂଜା ସମିତି ପକ୍ଷରୁ ଆୟୋଜିତ ସ୍ମରଣ ସଭାରେ ଅତିଥି ଭାବେ ମାନବବାଦୀ ହେତୁବାଦୀ କେ.ନନ୍ଦେଶୁ ସେନାପତି ,ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ ଚନ୍ଦ୍ର ବିଶୋଇ,ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ କୁନି ଦେବୀ, ଶିକ୍ଷକ ସଙ୍ଗଠନ ନେତା ଅଶୋକ କୁମାର ଦଳାଇ,ଆଇନଜୀବି ଅବନୀ ଗୟା ଯୋଗ ଦେଇଥିଲେ କ୍ଷ ଶେଷରେ ସମିତି ସମ୍ପାଦକ ଏସ. ସାମ୍ଭସିବା ରାଓ ଧନ୍ୟବାଦ ଜଣାଇଥିଲେ ।

# ଏଓଜିଓ ର ୪୮ତମ ବାର୍ଷିକ ଉତ୍ସବର ଉଦ୍ଯାପନୀ ଦିବସ

କଟକ : (ନି.ପ୍ର)ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସପିଟାଲର ନୂତନ ଅଡିଟୋରିୟମରେ ଏ ଓ ଜି ଓ ୨୦୨୬ର ୪୮ତମ ବାର୍ଷିକ ସମ୍ମିଳନୀର ଉଦଯାପନୀ ଉତ୍ସବ ସମ୍ପନ୍ନ ହୋଇ ଯାଇଛି । ସଂଘର ସଭାପତି ଡକ୍ଟର ସୁଜାତା ମିଶ୍ର ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ତଥା କୋଷାଧ୍ୟକ୍ଷ ଡକ୍ଟର ଅଶୋକ କୁମାର ପାଢ଼ୀ ବାର୍ଷିକ ବିବରଣୀ ପାଠ କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ ।ଏହି କାର୍ଯ୍ୟକ୍ରମରେ ଆଲୋଚନାର ବିଷୟ ଥିଲା ଗର୍ଭସ୍ଥ ପାଇଲାକ୍ଟାସିସ୍ ପାଇଁ ଆଗ୍ରହ ,ଅତ୍ୟନ୍ତ କମ ଏଏମଏଚ ର ପରିଚାଳନା,ଜନ୍ମଗତ ଅସଙ୍ଗତି ଯାହା ଜାଣିବା ଆବଶ୍ୟକ, ଆଣବିକ ବର୍ଗୀକରଣ ଏଣ୍ଡୋମେଟ୍ରିଆଲ୍ କର୍କଟ ଏବଂ ଏହାର ପ୍ରଭାବ, ଓବିଜିୱାଇଏନ ଅଭ୍ୟାସରେ କୃତ୍ରିମ ବୁଦ୍ଧିମତା, ଟୀକାକରଣ ଦ୍ୱାରା କିପରି ଜରାୟୁ ଜନିତ କର୍କଟ ରୋଗରୁ ମୁକ୍ତ ହୋଇ ପାରିବ ଏବଂ ଅନ୍ୟାନ୍ୟ ବିଷୟ ଉପରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଶେଷଜ୍ଞମାନେ ଆଲୋଚନା କରିଥିଲେ ।ଆଧୁନିକ ଚିକିତ୍ସା ପଦ୍ଧତିରେ ମା ମାନେ କିପରି ସୁସ୍ଥ ନିରୋଗ ରହି ରୋଗ ପ୍ରତିରୋଧ କରି ସୁରକ୍ଷିତ ରହିବା ସହିତ ଦୀର୍ଘଦିନ ନିରାମୟ ଜୀବନ ଅତିବାହିତ କରିପାରିବେ ସେ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ଆନ୍ତର୍ଜାତୀୟ, ଜାତୀୟ ଏବଂ ରାଜ୍ୟ ସ୍ତରୀୟ ଅଧାପକ ମାନଙ୍କ ଦ୍ୱାରା ପ୍ରସୂତି ଓ ସ୍ତ୍ରୀ ରୋଗ ଅଭ୍ୟାସର ମୌଳିକ ତତ୍ୱ ଉପରେ ଆଲୋକପାତ କରିବା ଏବଂ ରୋଗୀଙ୍କ ସୁବିଧା ପାଇଁ ଅଭ୍ୟାସ କରୁଥିବା ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ଦକ୍ଷତା ବୃଦ୍ଧି ଭଳି ଅନେକ ଶିକ୍ଷାଗତ ଆଲୋଚନା କରାଯାଇଥିଲା । ଏହି ଅବସରରେ ନୂଆ କରି ସଂଘର ସଭାପତି ହୋଇଥିବା ଡକ୍ଟର ଜନ୍ମେଜୟ ମହାପାତ୍ର,ଉପସଭାପତି ଡକ୍ଟର ଭାଗ୍ୟଲକ୍ଷ୍ମୀ ନାୟକ ଓ ଡକ୍ଟର ସସ୍ମିତା ସ୍ୱାଇଁ, ଡକ୍ଟର ଦୀପା ସେଠୀ, ଡକ୍ଟର ମଧୁସ୍ମିତା ହେମ୍ବ୍ରମ ଓ ଡକ୍ଟର ତାପସ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବହୁ ବିଭାଗୀୟ ବିଶେଷଜ୍ଞ ପ୍ରଫେସର ଓ ଡକ୍ଟର ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଜିଲ୍ଲାସ୍ତରୀୟ ସି.ଏମ କପ୍ ୨୦୨୬ ଗଞ୍ଜାମ ଜିଲ୍ଲା ତୃତୀୟ ଦିନରେ ପଦାର୍ପିତ

ବ୍ରହ୍ମପୁର(ନି.ପ୍ର.) : ବ୍ରହ୍ମପୁର ସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିଅମ ଠାରେ ଆୟୋଜିତ ସି. ଏମ କପ ୨୦୨୬ ଆଜି ତୃତୀୟ ଦିନ ରେ ପହଂଚିଛି । ଫୁଟବଲ ଖେଳ ର ପ୍ରଥମ ମ୍ୟାଚ ଓ. ଏ. ଭି ବାଳକ ବର୍ଗ ଓ ଖେମୁଣ୍ଡି ଏଫ. ସି ମଧ୍ୟରେ ଖେଳା ଯାଇଥିଲା ଏବଂ ଓ. ଏ. ଭି ସ୍କୁଲ ବାଳକ ଦଳ ୪-୧ ଗୋଲ ରେ ବିଜୟୀ ହାସଲ କରିଛି । ଦ୍ୱିତୀୟ ମ୍ୟାଚ ବାରର୍କ ଗୋଲଡ୍ ଏଫ. ସି ବାଳକ ଓ ଡ଼ି. ଏ. ଭି ସ୍କୁଲ ଦଳ ମଧ୍ୟରେ ଖେଳା ଯାଇଥିଲା, ବାରର୍କ ଗୋଲଡ୍ ଏଫ. ସି ୧-୦ ଗୋଲ ରେ ଡ଼ି. ଏ. ଭି ସ୍କୁଲ କୁ ପରାସ୍ତ କରିଛି । ଆଜି ପ୍ରଥମ ମ୍ୟାଚ କ୍ୱର ଅତିଥି ରୂପେ ଯୋଗ ଦେଇଥିଲେ ଗଞ୍ଜାମ ଜିଲ୍ଲା କ୍ରୀଡା



ସଙ୍ଘ ଉପ ସଭାପତି ଶ୍ରୀ ବିଜୟ କୁମାର ପଟନାୟକ ଏବଂ ଦ୍ୱିତୀୟ ମ୍ୟାଚ ରେ ଅତିଥି ରୂପେ ଯୋଗ ଦେଇଥିଲେ ଗଞ୍ଜାମ ଜିଲ୍ଲା କ୍ରୀଡା ଅଧକ୍ଷ ଶ୍ରୀ ତାପସ ରଞ୍ଜନ ସାମଲ ଏଥି ସହ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସଦସ୍ୟ ଓ ବରିଷ୍ଠ ଖେଳାଳି ଏଲ. କେ ରାଓ, ଡି. ଆପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ, ଜି. ଏମ. ବାବୁ,ସୀତାରାମ ଦ୍ୱିବ୍ରତ, ପ୍ରମୋଦ ମହାରଣା, ରାଜ ନାରାୟଣ ପାତ୍ର ଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର ଅନ୍ୟାନ୍ୟ ସଦସ୍ୟ ଓ ପୂର୍ବତନ ଖେଳାଳି ମାନେ ମଧ୍ୟ ଉପସ୍ଥିତ ଥିଲେ ଏବଂ ମ୍ୟାଚ କୁ ପରିଚାଳନା କରିଥିଲେ ରଂଜିତ ପାତ୍ର, ରମେଶ ବେହେରା, ୱାୟୀ. ପୂର୍ଣ୍ଣ ଚନ୍ଦ୍ର ରାଓ,ଗୋପାଳ ଚନ୍ଦ୍ର ପଣ୍ଡା ଏବଂ ରେଫ୍ରି ସୁଜିତ କୁମାରପାତ୍ର ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ଙ୍କ ଦ୍ୱାରା ପ୍ରକାଶିତ ।

# ଓଡ଼ିଆ ପକ୍ଷ ୨୦୨୬ ଅବସରରେ ଜିଲ୍ଲାସ୍ତରୀୟ ବନ୍ଦନୀୟ ବରପୁତ୍ର ଓ କବିତା ପାଠୋତ୍ସବ ଆୟୋଜିତ

ବ୍ରହ୍ମପୁର / ଛତ୍ରପୁର(ନି.ପ୍ର.) : ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାପରିଷଦର ରଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବନ୍ଦନୀୟ ବରପୁତ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତି ଭାସନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାର ଗଠନ ଓ ତା ସହିତ ଏହାର ଉନ୍ନତି ପାଇଁ କାର୍ଯ୍ୟ କରିଥିବା ବରପୁତ୍ରମାନଙ୍କର ତ୍ୟାଗ ଓ ବଳିଦାନକୁ ମନେ ପକାଇଥିଲେ । ସେହି ବରପୁତ୍ର ମାନେ ଓଡିଶାକୁ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ତାକୁ ସାକାର କରିବା ଆମ ସମସ୍ତଙ୍କର ଉତରଦାୟିତ୍ୱ ବୋଲି କହିଛନ୍ତି । ବରପୁତ୍ରମାନଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋଚନା ଚକ୍ର ଆୟୋଜନ କରି ଯୁବପିଢ଼ିଙ୍କୁ ସେମାନଙ୍କ ମହାନତା ଓ ମହାମାର୍ଗ ସମ୍ପର୍କରେ ଅବଗତ କରାଇବା ପାଇଁ ଜିଲ୍ଲାପାଳ ଜିଲ୍ଲାର ସାରସ୍ୱତ ସାଧକ ମାନଙ୍କୁ ଅନୁରୋଧ କରିଛନ୍ତି । ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର



କୁମାର ଜେନା, ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେରକେଟା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଛତ୍ରପୁର ସାହିତ୍ୟ ସଂସଦର ସଭାପତି ବ୍ରଜ ମୋହନ ଆଚାର୍ଯ୍ୟ ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବହୁ ସାହିତ୍ୟିକ, କବି ଓ କବିୟତ୍ରୀ ମାନେ ଯୋଗ ଦେଇ ଓଡ଼ିଶାର ବରପୁତ୍ର ମାନଙ୍କ ସ୍ମୃତିଚାରଣ କରିଥିଲେ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ ସାଧନା ଓ କୃତିତ୍ୱ ବିଷୟରେ ଡ଼. ଅନନ୍ତ ରାମ କର କୌଣ୍ଡିନ୍ୟ, କବିସୂର୍ଯ୍ୟ ବଳଦେବ ରଥଙ୍କ କବିତା ଓ ଭକ୍ତିମୟ ରଚନା ବିଷୟରେ ହରେକୃଷ୍ଣ ପଣ୍ଡା ତାଙ୍କ ମତାମତ ରଖିଥିଲେ । ସେହିପରି ମହାରାଜ ହରିହର ମର୍ଦ୍ଦରାଜଙ୍କ ଶାସନ ଓ ଅବଦାନ ଉପରେ ଡ଼. ପ୍ରକାଶ ପାଣିଗ୍ରାହୀ ଏବଂ ମହାରାଜ କୃଷ୍ଣଚନ୍ଦ୍ର ଗଜପତିଙ୍କ ଐତିହାସିକ ଭୂମିକା ଉପରେ ଡ଼. ଅଜୟ କୁମାର ତ୍ରିପାଠୀ ଆଲୋକପାତ କରିଥିଲେ ।ସେହିପରି ସଂଗ୍ରାମୀ ଚକରା ବିଷୋୟୀ/ଦୋହରା ବିଷୋୟୀଙ୍କ ବୀରତା ଓ ଦେଶପ୍ରେମ ଉପରେ ଡ଼. ପ୍ରଦୀପ ପଟ୍ଟନାୟକ ଓ ଜ୍ୟୋତିର୍ବିଦ ବାଇକୋଳି ମହାପାତ୍ରଙ୍କ ଜ୍ଞାନ ଓ ଅବଦାନ ବିଷୟରେ ଡ଼. ଦ୍ୱାରିକାନାଥ ମହାରଣା, ଗଞ୍ଜାମର ଇତିହାସ ଉପରେ ଅଶୋକ ଚୌଧୁରୀ ନିଜର ଅଭିମତ ବ୍ୟକ୍ତ କରିବା ସହିତ ଏ ସମସ୍ତ ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସାମୁହିକ ଭାବେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ବହୁ କବି ଓ କବିୟତ୍ରୀମାନଙ୍କ ଦ୍ୱାରା ଏହି ଅବସରରେ କବିତା ପାଠ କରାଯାଇଥିଲା । କାହ୍ନୁ ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ଓଡ଼ିଆ ପକ୍ଷ ପାଳନରେ ତୁଡ଼ିଗଡ଼ିଆରେ ଫାଣ୍ଡି ଓ ବ୍ଲକ ପ୍ରତିଷ୍ଠା ଦାବି ତେଜିଲା



ଖଇରା,(ନି.ପ୍ର.)ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଶହୀଦ ସ୍ମୃତି ବରିଷ୍ଠ ନାଗରିକ ମ□ ପକ୍ଷରୁ ରକ୍ତତୀର୍ଥ ତୁଡିଗଡିଆ ଠାରେ ରବିବାର ଦିନ ଶହୀଦ ଭବନ ପରିସରରେ ଓଡିଆ ପକ୍ଷ ପାଳନ ବେଳେ ଅତିଥି ମାନେ ଭାଷା ସୁରକ୍ଷା ପାଇଁ ସୁଚିନ୍ତିତ ପରାମର୍ଶ ଦେବା ସହ ତୁଡିଗଡିଆ ଠାରେ ଫାଣ୍ଡି ଓ ବ୍ଲକ ପ୍ରତିଷ୍ଠା ର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଛନ୍ତି । ମ□ର ସଭାପତି ବିଷ୍ଣୁମୋହନ ଶତପଥିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖଇରା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି ଓ ଅବସରପ୍ରାପ୍ତ ପ୍ରଧାନପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବ□ମାନ ଉଦାରିକରଣ ଅର୍ଥନିତି ନାମରେ ପାଶ୍ଚାତ୍ୟ ସଂସ୍କୃତି ଆମକୁ କବଳିତ କରିସାରିଲାଣି । ଯାହାଫଳରେ ଓଡିଆ ସଂସ୍କୃତି ଆଜି ହଜିଯିବାକୁ ବସିଛି ବୋଲି ପ୍ରକାଶ କରିଥିଲେ । ବରିଷ୍ଠ ସଭ୍ୟ ଲୋକନାଥ ପଣ୍ଡା,ସରପ□ ମଦନମୋହନ ସାନ୍ତରା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ପାଦକ ଯୁଧିଷ୍ଠିର ମହାରଣା ବିବରଣୀ ପାଠ କରିଥିଲେ । ଏହି ଅବସରରେ ମ□ କାର୍ଯ୍ୟକ□ା ରାଧାକାନ୍ତ ପଣ୍ଡା,ଉପେନ୍ଦ୍ର ପାଢୀ ପ୍ରମୁଖଙ୍କ ତରଫରୁ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କ ନାମ ଘୋଷଣା କରାଯାଇଥିଲା । କବି ଦୁର୍ଗାମାଧବ ଜେନା ଓ ଅର୍ଜୁନ ଚରଣ ଶିଅଳଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ସହ ବର୍ଣ୍ଣବୋଧ ପ୍ରତିଯୋଗିତାରେ କୃତିତ୍ୱଲାଭ କରିଥିବା ଛାତ୍ରୀ ଆଦ୍ୟାଶା ବେହେରା,ଦିପାଳୀ ବୁଗୁଡାଇ ଓ କାଜଲ ରାଉତଙ୍କୁ ପୁରସ୍କୃତ କରାଯାଇଥିଲା ।

